
ଦୌଡ଼େଶ୍ୱର ମନ୍ଦିର ପରିସରରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।


କ୍ଷତିଗ୍ରସ୍ତ ଚାଷୀ।

# ବନ୍ୟା ଛଡ଼ାଇନେଲା ଦାନା

ଢେଙ୍କାନାଳ, ୪।୮ (ରତନ ନାୟାର)

■କମିଲା ବ୍ରାହ୍ମଣୀର ଜଳସ୍ତର
■ପ୍ରଭାବିତ ଅଞ୍ଚଳରେ ଜିଲାପାଳ

ଛାଡ଼ିଲାଣି ବନ୍ୟାଜଳ। ଅଧିକାଂଶ ସ୍ଥାନରେ ସ୍ୱାଭାବିକ ହେଲାଣି ଗମନାଗମନ। ହେଲେ ଆଉ ଅଣ୍ଟା ସଳଖିବା ସ୍ଥିତିରେ ନାହିଁ ଚାଷୀ। ଉଜୁଡ଼ିଯାଇଛି ଫସଲ। ବାଲିଚର ହୋଇଯାଇଛି ଶତାଧିକ ଏକର ଜମି। ବିଲ ପାଣିରେ ବୁଡ଼ି ରହିଥିବାରୁ କେମିତି ରୁଆ ବେଉଷଣ ହେବ ତାହାକୁ ନେଇ ଚାଷୀକୁଳ ମଧ୍ୟରେ ପଡ଼ିଛି ଭାଳେଣି। ମାତ୍ର ଦୁଇଦିନରେ ବ୍ରାହ୍ମଣୀ ବଢ଼ି ବର୍ଷକର ଦାନା ଛଡ଼ାଇ ନେଇଥିବା ଅଭିଯୋଗ କରିଛନ୍ତି ଢେଙ୍କାନାଳ ଜିଲାର ବନ୍ୟା ପ୍ରଭାବିତ ଅଞ୍ଚଳବାସୀ। ଅନ୍ୟପଟେ ଶୁକ୍ରବାର ଜିଲାପାଳ ସରୋଜ କୁମାର ସେଠୀ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ଖୁବ୍‌ଶୀଘ୍ର କ୍ଷୟକ୍ଷତି ଆକଳନ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

ଲଘୁଚାପଜନିତ ଲଗାଣବର୍ଷାରେ ବ୍ରାହ୍ମଣୀରେ ଆସିଥିବା ବନ୍ୟାରେ ସଦର, ଗଁଦିଆ, ଭୁବନ, କାମାକ୍ଷାନଗର, ପରଜଙ୍ଗ, ଓଡ଼ାପଡ଼ା ବ୍ଲକର ନଦୀକୂଳିଆ ଗ୍ରାମ ବିଶେଷ ଭାବେ ପ୍ରଭାବିତ ହୋଇଛି। ଅଧିକାଂଶ ସ୍ଥାନରେ ପରିବା ଚାଷ, ଖରିଫ ଧାନ ଉଜୁଡ଼ି ଯାଇଛି। ରୁଆ ସରିଥିବା ଜମି ଜଳାର୍ଣ୍ଣବ ହୋଇପଡ଼ିଥିବାବେଳେ ତଳି ବନ୍ୟାପାଣିରେ ବୁଡ଼ିଛି। ତେଣୁ ଚାଷ କାର୍ଯ୍ୟ କେମିତି ଆଗକୁ ବଢ଼ିବ ତାହାକୁ ନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି।

ଅପରପକ୍ଷେ ଜିଲାପାଳ ସେଠୀ ବନ୍ୟାରେ ସର୍ବାଧିକ ପ୍ରଭାବିତ ହୋଇଥିବା ଗଁଦିଆ ବ୍ଲକର କାଲୁରିଆ, ବାଇଁଶିଆ, କରମୂଳ, କଙ୍କା ଗ୍ରାମ ପରିଦର୍ଶନ କରିଛନ୍ତି। ଚାଷୀଙ୍କ ସହ ଆଲୋଚନା କରି କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିଛନ୍ତି। ଏହାପରେ ସେ ଦୌଡ଼େଶ୍ୱର ମନ୍ଦିରକୁ ଯାଇ ସ୍ଥିତି ସମୀକ୍ଷା କରିଥିଲେ। ବନ୍ୟା ପାଣିରେ ମନ୍ଦିର ବୁଡ଼ି ରହିଥିବାରୁ ଠାକୁରଙ୍କ ନୀତିକାନ୍ତି ବାଧାପ୍ରାପ୍ତ ହୋଇଥିଲା। ପୂଜାରେ ବ୍ୟବହୃତ ବିଭିନ୍ନ ଉପକରଣ ଭାସିଯାଇଥିଲା। ସେସବୁକୁ ଉଦ୍ଧାର କରାଯାଇଛି। ଠାକୁରଙ୍କ ବେଢ଼ା ସଫେଇ ପରେ ନୀତିକାନ୍ତି ସ୍ୱାଭାବିକ ହୋଇଛି। ଗଁଦିଆ ବିଡିଓ ଆଶିଷ ରଞ୍ଜନ ସାହୁ, ତହସିଲଦାର ସୁମନ୍ତ ବେହେରା, ଜିଲା ଅଗ୍ନିଶମ ସେବା ଅଧିକାରୀ ପ୍ରଶାନ୍ତ ଧଳଙ୍କ ସମେତ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ରହି ବନ୍ୟା ସ୍ଥିତି ସମୀକ୍ଷା କରିଛନ୍ତି।

ଏ ସଂକ୍ରାନ୍ତରେ ଜିଲାପାଳ କୁହନ୍ତି, ଖୁବଶୀଘ୍ର ଜିଲା ପ୍ରଶାସନର ଏକ ଟିମ୍ କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତ କରି କ୍ଷୟକ୍ଷତିର ଆକଳନ କରିବ। ରିପୋର୍ଟ ପ୍ରଦାନ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଦୌଡ଼େଶ୍ୱର ମନ୍ଦିର ବନ୍ୟାରେ ପ୍ରଭାବିତ ହୋଇଛି। ଏହାର ମରାମତି ଲାଗି ଏଏସ୍‌ଆଇକୁ ଚିଠି ଲେଖାଯିବ ବୋଲି ଜିଲାପାଳ କହିଛନ୍ତି।

# ନାଗ କାମୁଡ଼ାରେ ଜୀବନ ଗଲା

କାମାକ୍ଷାନଗର, ୪।୮ (ସୁଧୀର ପରିଡ଼ା/ଅମଜାଦ୍ ଖାନ୍)


ଡାକ୍ତରଖାନାରେ ଗୁଣିଆ ମୃତଦେହକୁ ଝଡ଼ାଫୁଙ୍କା କରୁଛନ୍ତି।

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା କାନପୁରା ପଞ୍ଚାୟତ ଅଧୀନ ଏକତାଳି ଗ୍ରାମର ନିରଞ୍ଜନ ବିଶ୍ୱାଳ (୫୮)ଙ୍କ ଶୁକ୍ରବାର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ବିଲରେ କାମ କରୁଥିବାବେଳେ ତାଙ୍କ ଗୋଡ଼କୁ ଏକ ନାଗ ସାପ କାମୁଡ଼ି ଦେଇଥିଲା। ସେ ଘରକୁ ଆସି କହିବା ପରେ ପରିବାର ଲୋକେ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତରଙ୍କ ସମସ୍ତ ଉଦ୍ୟମ ନିଷ୍ଫଳ ସତ୍ତ୍ୱେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୂଚନାଯୋଗ୍ୟ, ନିରଞ୍ଜନ କାମାକ୍ଷାନଗର ଏନ୍‌ଏସିର ତରୁଣ ବଜାରରେ ଏକ ଫଟୋ ବନ୍ଧାଇ ଦୋକାନ କରିଥିଲେ। ତାଙ୍କ ସ୍ମୃତିରେ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ନିଜର ଶାନ୍ତ ସ୍ୱଭାବ ପାଇଁ ନିରଞ୍ଜନ ଲୋକଙ୍କ ପ୍ରିୟଭାଜନ ହୋଇପାରିଥିଲେ। ତାଙ୍କର ଏଭଳି ଅକାଳ ବିୟୋଗ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।

## ମୃତଦେହକୁ ଝଡ଼ାଫୁଙ୍କା

ନିରଞ୍ଜନଙ୍କ ଶରୀରରେ ପ୍ରାଣ ନ ଥିଲା। ହେଲେ ଜୀବନ ଫେରାଇ ଆଣିବାକୁ କସରତ ଜାରି ରଖିଥିଲେ ତାଙ୍କ ପରିବାର ଲୋକେ। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ସେମାନେ ନେଇଥିଲେ ଜଣେ ଗୁଣିଆଙ୍କ ସାହାରା। ଏହାପରେ ଡାକ୍ତରଖାନାରେ ଗୁଣିଆ ପହଞ୍ଚି ଆରମ୍ଭ କରିଥିଲେ ଝଡ଼ାଫୁଙ୍କା। ତେବେ ଏଭଳି କାର୍ଯ୍ୟରୁ ନିବୃତ ରହିବାକୁ ଗୁଣିଆଙ୍କୁ ତାଗିଦା କରିଥିଲେ ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଦିଗମ୍ବର ସାହୁ। ଏପରି କି ଝଡ଼ାଫୁଙ୍କା ବନ୍ଦ ନ କଲେ ପୋଲିସରେ ଦେବାକୁ ଚେତାବନୀ ମଧ୍ୟ ଦେଇଥିଲେ। ଗିରଫଦାରି ଭୟରେ ଗୁଣିଆ ଜଣକ ଡାକ୍ତରଖାନାରୁ ଚମ୍ପଟ ମାରିଥିଲେ। ଏହି ଘଟଣା ମେଡିକାଲରେ ଚର୍ଚ୍ଚାର ବିଷୟ ହୋଇଛି।






## ସଂକ୍ଷେପରେ

### ଯୁବକଙ୍କୁ କଟୁରିରେ ହାଣି ହତ୍ୟା

ଢେଙ୍କାନାଳ, ୪।୮ (ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ସୋଗରପଶି ଗ୍ରାମରେ ଶୁକ୍ରବାର ରାତି ପ୍ରାୟ ୮ଟାରେ ଘଟିଛି ଏକ ବୀଭତ୍ସ ହତ୍ୟାକାଣ୍ଡ। ସାମାନ୍ୟ ବଚସାକୁ କେନ୍ଦ୍ରକରି ଗ୍ରାମର ବାବୁରାମ ଦେହୁରୀଙ୍କ ପୁଅ ପ୍ରଶାନ୍ତ (୩୦)ଙ୍କୁ ହତ୍ୟା କରାଯାଇଛି। ସମ୍ପର୍କୀୟ ଭାଇ ଅଭୟ ଦେହୁରୀଙ୍କ କଟୁରି ଚୋଟରେ ପ୍ରଶାନ୍ତଙ୍କ ଜୀବନ ଯାଇଥିବା ପୋଲିସ ନିକଟରେ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହେବା ପରେ ଗୁରୁତର ଅବସ୍ଥାରେ ପ୍ରଶାନ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣ କରିଥିଲେ। ଅଭୟଙ୍କୁ ଗ୍ରାମବାସୀ ଅଟକ ରଖି ପୋଲିସ ଜିମା ଦେଇଛନ୍ତି। ସଦର ଥାନା ପୋଲିସ ଘଟଣାସ୍ଥଳରେ ତନାଘନା ଚଳାଇଛି।

### ବୃଦ୍ଧାଙ୍କ ବେକରୁ ସୁନାଚେନ ଲୁଟ୍

ଢେଙ୍କାନାଳ, ୪।୮ (ରତନ ନାୟାର)

ଢେଙ୍କାନାଳ ମହିଷାପାଟ ଅଞ୍ଚଳରୁ ଶୁକ୍ରବାର ଅପରାହ୍ନରେ ସୁନାଚେନ୍ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ପ୍ରେମଲତା ସେଠୀ (୭୨)। ପ୍ରେମଲତା ଅପରାହ୍ନରେ ଭ୍ରମଣ କରୁଥିବାବେଳେ ଏକ ବାଇକ୍‌ରେ ୩ ଜଣ ଦୁର୍ବୃତ୍ତ ଆସି ତାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇ ଚମ୍ପଟ ମାରିଥିଲେ।
ସୂଚନା ପାଇ ଟାଉନ ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଏ ସଂକ୍ରାନ୍ତରେ ନଂ. ୫୨୬/୨୩ରେ ଏକ ମାମଲା ରୁଜୁ ହୋଇଛି।

### ବହ୍ନିକନ୍ୟାଙ୍କ ସ୍ମୃତିଚାରଣ

ଢେଙ୍କାନାଳ, ୪।୮ (ରତନ ନାୟାର)

ଢେଙ୍କାନାଳ ଜିଲା 'ଆମ ପ୍ରତିଭା ଆମ ସମ୍ମାନ' ଅନୁଷ୍ଠାନ ପକ୍ଷରୁ ବହ୍ନିକନ୍ୟା ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଏମ୍‌ପି ତଥା ମହେଶ ସାହୁଙ୍କ ଆବାସିକ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତି ପ୍ରିୟରଞ୍ଜନ ମାହୁନ୍ତଙ୍କ ଅଧକ୍ଷତା କରିଥିଲେ। ଏମ୍‌ପି ଏବଂ ଅନ୍ୟମାନେ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ନନ୍ଦିନୀ ଦେବୀଙ୍କ ସ୍ମୃତିଚାରଣ କରିଥିଲେ। ରୁଦ୍ରାନ୍ତ ଦଳେଇ, ପ୍ରତାପ ଦାସ, ତିଳୋତ୍ତମା ଚୌଧୁରୀ, ଅନନ୍ଦିତା ମିଶ୍ର ଶକ୍ତିପ୍ରସାଦ ପାଣିଗ୍ରାହୀ, ଅକ୍ଷୟ ସାହୁ, ଅଜୟ ସେଠ, ଦୁଷ୍ମନ୍ତ ମହାନ୍ତି, ଶେଖର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍କୁଲ ପାଇଁ ରାସ୍ତାରେ ପିଲା


ଧାରଣା ଦେଇଥିବା ଛାତ୍ରୀଛାତ୍ର ଏବଂ ଗ୍ରାମବାସୀ।

ଢେଙ୍କାନାଳ, ୪।୮ (ରତନ ନାୟାର)

■ରିପୋର୍ଟରେ ୪୦ରୁ ଅଧିକ ଛାତ୍ରୀଛାତ୍ର
■ତଥାପି ୩ ବର୍ଷ ହେଲା ଖୋଲୁନାହିଁ ତାଲା

ଆମ ସ୍କୁଲ ଆମକୁ ଫେରାଇଦିଅ। ଆମ ଖୁସି ଆମ ହାତରେ, ଆମ ଭବିଷ୍ୟତ ଆପଣଙ୍କ ହାତରେ। ଆମର ଦାବି ପୂରଣ ହେଉ, ଆମ ସ୍କୁଲ ଆମ ପାଖକୁ ଆସୁ। ଏଭଳି ସ୍ଲୋଗାନରେ ରାସ୍ତା କମ୍ପାଇଥିଲେ ଢେଙ୍କାନାଳ ସଦର ବ୍ଲକ ବେଲଟିକିରି ପଞ୍ଚାୟତ ବନ୍ଧନୂଆଗାଁ ଅଞ୍ଚଳର ଛାତ୍ରୀଛାତ୍ର। ଉପସ୍ଥାନ କମ୍ ଥିବା ଦର୍ଶାଇ ଗ୍ରାମରେ ଥିବା ଏକମାତ୍ର ପ୍ରାଥମିକ ବିଦ୍ୟାଳୟକୁ ୩ ବର୍ଷ ହେଲା ବନ୍ଦ କରିଦିଆଯାଇଥିବାବେଳେ ଏହାକୁ ପୁନର୍ବାର ଖୋଲିବା ଦାବିରେ ଶୁକ୍ରବାର ଏଭଳି ଢଙ୍ଗରେ ପ୍ରତିବାଦ କରିଥିଲେ ସେମାନେ।

ସରକାରୀ ନିୟମ ଅନୁଯାୟୀ ଉପସ୍ଥାନ କମ୍ ଥିବା ଦର୍ଶାଇ ଉକ୍ତ ସ୍କୁଲକୁ ବନ୍ଦ କରିଦିଆଯାଇଛି। ତେବେ ଶିକ୍ଷା ବିଭାଗର ତଦନ୍ତରୁ ବିଦ୍ୟାଳୟ ଖୋଲିବା ଲାଗି ଆବଶ୍ୟକ ସଂଖ୍ୟକ ଛାତ୍ରୀଛାତ୍ର ଥିବା ସ୍ପଷ୍ଟ ହୋଇଛି। ତଥାପି ସ୍କୁଲ ପୁନର୍ବାର ଆରମ୍ଭ କରିବା ନେଇ କେହି ଆନ୍ତରିକତା ଦେଖାଉନାହାନ୍ତି। ଫଳରେ ପିଲାମାନେ ଗାଁଠାରୁ ୨ କିଲୋମିଟର ଦୂରରେ ଥିବା ଅନ୍ୟ ଏକ ସ୍କୁଲକୁ ଯାଉଛନ୍ତି। ନିଛାଟିଆ ରାସ୍ତାରେ ଅନେକ ସମୟରେ କୁକୁର କାମୁଡ଼ାର ଶିକାର ହେଉଥିବା ଅଭିଯୋଗ ହେଉଛି। ଏ ନେଇ ଗ୍ରାମବାସୀ ଜିଲା ପ୍ରଶାସନଠାରୁ ଆରମ୍ଭ କରି ଜନପ୍ରତିନିଧି ଏପରି କି ରାଜ୍ୟ ସରକାରଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହାର ପ୍ରତିବାଦରେ ପୂର୍ବାହ୍ନ ୮ଟାରେ ଗ୍ରାମବାସୀ, ଅଭିଭାବକ ଏବଂ ଛାତ୍ରୀଛାତ୍ର ରାସ୍ତାକୁ ଓହ୍ଲାଇଥିଲେ। ଫଳରେ ଢେଙ୍କାନାଳରୁ ଯୋରନ୍ଦାକୁ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ସୂଚନା ପାଇ ସ୍ଥାନୀୟ ସରପଞ୍ଚ ବଳଭଦ୍ର ସାମଲ, ତହସିଲଦାର ସୁଧାଂଶୁ କୁମାର ସାଓ, ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର, ସଦର ଥାନାଧିକାରୀ ପ୍ରଦୀପ କୁମାର ପ୍ରଧାନ, ସଦର ବିଇଓ ବ୍ରହ୍ମାନନ୍ଦ ରାଉତ ପ୍ରମୁଖ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

ଏ ନେଇ ବିଇଓ ରାଉତ କୁହନ୍ତି, ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ ୪୦ରୁ କମ୍ ପିଲା ଥିବା ବିଦ୍ୟାଳୟକୁ ଗ୍ରାମଠାରୁ ୧ କିମି ମଧ୍ୟରେ ଥିବା ସ୍କୁଲରେ ମିଶ୍ରଣ କରାଯାଇଛି। ତଦନୁଯାୟୀ ବନ୍ଧ ନୂଆଗାଁ ସ୍କୁଲକୁ ୨୦୨୦ରେ ବନ୍ଦ କରି ଦିଆଯାଇଛି। ତେବେ ଗ୍ରାମବାସୀ ଉପସ୍ଥାନ ଅଧିକ ହୋଇଥିବା କହି ବିଦ୍ୟାଳୟ ଖୋଲିବା ପାଇଁ ଦାବି କରିଥିଲେ। ଶିକ୍ଷା ବିଭାଗ ପକ୍ଷରୁ ହୋଇଥିବା ତଦନ୍ତରୁ ଅଞ୍ଚଳରେ ୪୦ରୁ ଅଧିକ ଛାତ୍ରୀଛାତ୍ର ଥିବା ସ୍ପଷ୍ଟ ହୋଇଥିଲା। ଏହାର ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଜିଲାପାଳ ଏହାକୁ ଅନୁମୋଦନ କରିବା ପରେ ଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟ ଖୋଲିବା ପାଇଁ ରାଜ୍ୟ ସରକାରଙ୍କୁ ଜଣାଯାଇଛି। ମାସେ ଦୁଇମାସ ମଧ୍ୟରେ ସ୍କୁଲ ଖୋଲିବ। ଲୋକଙ୍କୁ ବୁଝାଇବା ପରେ ସେମାନେ ବୁଝିଯାଇଛନ୍ତି।

# ଅଣ୍ଡରପାସ୍ ନିର୍ମାଣ ପ୍ରକ୍ରିୟା ଆରମ୍ଭ


ବନ ବିଭାଗ ଓ ଏନ୍‌ଏଚ୍‌ଏଆଇ ଅଧିକାରୀମାନେ ହାତୀ ଚଲାପଥ ନିର୍ମାଣ ସ୍ଥଳ ପରିଦର୍ଶନ କରୁଛନ୍ତି।

ଢେଙ୍କାନାଳ, ୪।୮ (ରତନ ନାୟାର)

ଢେଙ୍କାନାଳ ଜିଲା ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥ ହାତୀ ଚଲାପଥରେ ଅଣ୍ଡରପାସ୍ ନିର୍ମାଣ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଶୁକ୍ରବାର ବିଭାଗୀୟ ଅଧିକାରୀମାନେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କରଙ୍କ ସହ ହାତୀ ଚଲାପଥ ଅଞ୍ଚଳ ବୁଲି ଦେଖିଛନ୍ତି। ଅଞ୍ଚଳବାସୀଙ୍କ ସହ ଏ ବିଷୟରେ ଆଲୋଚନା କରିଛନ୍ତି। ବନ ବିଭାଗ ସୂଚନା ଅନୁଯାୟୀ, ଢେଙ୍କାନାଳ ଜିଲାର ୫୫ନଂ. ଜାତୀୟ ରାଜପଥରେ ୫ଟି ହାତୀ ଚଲାପଥ ରହିଛି। ସେସବୁ ସ୍ଥାନରେ ଅଣ୍ଡରପାସ୍ ନିର୍ମାଣ କରାଯିବ। ଏନ୍‌ଏଚ୍ ସମ୍ପ୍ରସାରଣ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ କରାଯିବା ସହ ହାତୀଙ୍କ ସୁରକ୍ଷିତ ଚଳପ୍ରଚଳ ଲାଗି ଅଣ୍ଡରପାସ୍ ନିର୍ମାଣ ହେବ ବୋଲି ନିଷ୍ପତ୍ତି ହୋଇଛି।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ କୁହନ୍ତି, ହାତୀ ଚଲାପଥରେ ଅଣ୍ଡରପାସ୍ ନିର୍ମାଣ ନେଇ ପ୍ରଶାସନ ସହଯୋଗରେ ବହୁ ପୂର୍ବରୁ ପ୍ରସ୍ତାବ ଦିଆଯାଇଛି। ସଦର ଥାନା ରସାସିଂହ, ମୋଟଙ୍ଗା ଥାନା ହଳଦିଆବାହାଳ, ଗୁଣ୍ଡୁଦେଇ ନିକଟବର୍ତ୍ତୀ ୫୫ନଂ. ଜାତୀୟ ରାଜପଥରେ ବିଶେଷ ଭାବେ ହାତୀ ଚଳପ୍ରଚଳ କରୁଛନ୍ତି। ରାସ୍ତା ଉପରେ ହାତୀପଲ ଛିଡ଼ା ହୋଇ ରହୁଥିବାରୁ ଯାନବାହନ ଚଳାଚଳ ପ୍ରଭାବିତ ହେଉଛି। ଏନ୍‌ଏଚ୍‌ଏଆଇ ପକ୍ଷରୁ ସେସବୁ ଅଞ୍ଚଳରେ ଅନୁଧ୍ୟାନ କରାଯାଇଛି।




## ସଂକ୍ଷେପରେ

### ଉପାନ୍ତ ଅଞ୍ଚଳ ପରିଦର୍ଶନ କଲେ ଉପଜିଲାପାଳ



ପାଲଲହଡା,୪।୮(ଦିବ୍ୟଜ୍ୟୋତି ଦାସ)– ପାଲଲହଡା ଉପଜିଲାପାଳ ସୁଶାନ୍ତ କୁମାର ପତି ଶୁକ୍ରବାର ପାଲଲହଡା ଉପଖଣ୍ଡର ଉପାନ୍ତ ଅଞ୍ଚଳ ନଗିରା ବରଡିହ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପରେ ଶିବିଡା ଗ୍ରାମଠାରେ ଥିବା ଶିକ୍ଷା ନିକେତନକୁ ପରିଦର୍ଶନରେ ଯାଇ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବା ସହ ଅନ୍ତେବାସୀଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ସ୍କୁଲ ଭିତ୍ତିଭୂମି ବିଷୟରେ ପ୍ରଧାନ ଶିକ୍ଷକଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ କାଦମ୍ବିନୀପୁର ସ୍କୁଲ ପରିଦର୍ଶନ କରି ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ପ୍ରଧାନ ଶିକ୍ଷକ ଏବଂ ଅଭିଭାବକଙ୍କ ସହିତ ଆଲୋଚନା କରିଥିଲେ। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମନୋରଞ୍ଜନ ରାଉତ, ଉପଜିଲାପାଳ ଉପସ୍ଥିତ ରହି

# ବସ୍ ମାଲିକ ସଂଘ, ୱେଲଫେୟାର ଆସୋସିଏଶନ୍ ସିଲ୍

### ଟିକସ ଦେଉ ନ ଥିଲେ, ଚୁକ୍ତିନାମା କରି ନ ଥିଲେ

ଅନୁଗୋଳ, ୪।୮ (ଅମିତ କୁମାର ସାମଲ)




ଅନୁଗୋଳ ସହର ପୁରୁଣା ବସ୍‌ଷ୍ଟାଣ୍ଡରେ ଥିବା ଜିଲା ବସ୍ ମାଲିକ ସଂଘ ଓ ବସ୍ ମାଲିକ ୱେଲଫେୟାର ଆସୋସିଏଶନ୍ ଗୃହକୁ ଅନୁଗୋଳ ପୌରପାଳିକା ପକ୍ଷରୁ ଶୁକ୍ରବାର ସିଲ୍ କରାଯାଇଛି। ପୌରପାଳିକାକୁ ଟିକସ ପ୍ରଦାନ ନ କରିବା ଓ ବିନା ଚୁକ୍ତିନାମାରେ ଘରକୁ ଅକ୍ତିଆର କରିବା ଅଭିଯୋଗରେ ଏହାକୁ ସିଲ୍ କରାଯାଇଥିବା ପୌରପାଳିକା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ପୌର ନିର୍ବାହୀ ଯନ୍ତ୍ରୀ ରବିନ ଦାସ, କନିଷ୍ଠ ଯନ୍ତ୍ରୀ ଘନଶ୍ୟାମ ତ୍ରିପାଠୀ, ଟିକସ ଦାରୋଗା ବିଭୂତି ଭୂଷଣ ମହାରଣାଙ୍କ ସହ ଟିକସ ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ଏହି ଘରଗୁଡ଼ିକ ସିଲ୍ କରାଯାଇଥିଲା।

ପ୍ରକାଶ ଯେ, ଅନୁଗୋଳ ପୌରପାଳିକାକୁ ଟିକସ ଫାଙ୍କୁଥିବାରୁ ସହରରେ ଥିବା କେତୋଟି ବ୍ୟବସାୟିକ ପ୍ରତିଷ୍ଠାନକୁ ସିଲ୍ କରାଯାଇଥିଲା। କିଛି ଦିନ ହେବ ଏହି ପ୍ରକ୍ରିୟା ଶିଥିଳ ପଡ଼ିଯାଇଥିବାବେଳେ ଶୁକ୍ରବାର ପୁଣି କାର୍ଯ୍ୟାନୁଷ୍ଠାନ ମୁଡ୍‌କୁ ଆସିଛି ପୌରପାଳିକା। ଜିଲା ବସ୍ ମାଲିକ ସଂଘ ବିରୋଧରେ ଦୀର୍ଘ ଦିନ ହେବ ବିଭିନ୍ନ ବ୍ୟକ୍ତି ଅଭିଯୋଗ କରିଆସୁଥିଲେ। ଏ ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହେବା ପରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ପୌରପାଳିକା ପକ୍ଷରୁ ଅପରାହ୍ନରେ ଅନୁଗୋଳ ଜିଲା ବସ୍ ମାଲିକ ସଂଘ ସହ ୱେଲଫେୟାର ଆସୋସିଏସନ୍ ଗୃହକୁ ସିଲ୍ କରାଯାଇଛି। ୨୩ ବର୍ଷ ହେବ ଜିଲା ବସ୍ ମାଲିକ ସଂଘ ଏହି ଘରକୁ ହାତେଇଥିବାବେଳେ ଏ ନେଇ କୌଣସି ଟିକସ ମିଳୁ ନ ଥିଲା କି ଚୁକ୍ତିନାମା ହୋଇ ନ ଥିଲା। ସଂଘ ନାମରେ ୪ ଲକ୍ଷ ୨୨ ହଜାରରୁ ଅଧିକ ଟଙ୍କା ବକେୟା ଗଡ଼ୁଥିବା ପୌରପାଳିକା ହିସାବ କରିଛି। ଗତ ଏପ୍ରିଲ ୪ ରେ ସଂଘକୁ ଏ ନେଇ ନୋଟିସ୍ ପ୍ରଦାନ କରାଯାଇଥିଲା। ଏହାପରେ ସଂଘ ପକ୍ଷରୁ ୧ ଲକ୍ଷ ୫୭ ହଜାର ଟଙ୍କା ପୈଠ କରାଯାଇଥିଲା। ଅବଶିଷ୍ଟ ଟଙ୍କା ପରବର୍ତ୍ତୀ ସମୟରେ ପ୍ରଦାନ କରାଯିବ ବୋଲି କୁହାଯାଇଥିଲେ ହେଁ ସଂଘ ଟିକସ ଅର୍ଥ ଦେଇ ନ ଥିଲା। ତେଣୁ ପୌର ପ୍ରଶାସନ ପକ୍ଷରୁ ଉକ୍ତ ଘରକୁ ସିଲ୍ କରାଯାଇଛି। ସେହିପରି କଦମପଡ଼ିଆ ଠାରେ ବସ୍ ମାଲିକ ୱେଲଫେୟାର ଆସୋସିଏସନ୍ ଗୃହକୁ ମଧ୍ୟ ସିଲ୍ କରାଯାଇଛି। ଏହି ଆସୋସିଏସନ୍ ୧୯୯୫ ମସିହାରୁ ଘର ନେଇଥିବାବେଳେ ବେଳେ ଟଙ୍କା ପୈଠ କରି ନ ଥିଲା। ପ୍ରାଥମିକ ପର୍ଯ୍ୟାୟରେ କିଛି ଦିନ ଟଙ୍କା ଦେଇଥିବାବେଳେ ପରବର୍ତ୍ତୀ ସମୟରେ ଟଙ୍କା ପ୍ରଦାନ ନ କରାଯିବାରୁ ଉକ୍ତ ଘରକୁ ସିଲ୍ କରାଯାଇଥିବା ପୌରପାଳିକା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଦେଶ ପାଇଁ ଉତ୍ତମ କାର୍ଯ୍ୟ କର

ତାଳଚେର,୪।୮(ମନୋଜ ନନ୍ଦ)

ତାଳଚେରସ୍ଥିତ ଗଡ଼ତଳ ଆଞ୍ଚଳିକ ମହାବିଦ୍ୟାଳୟ ଠାରେ ନେହେରୁ ଯୁବକେନ୍ଦ୍ର ଅନୁଗୋଳ ଏବଂ ବଲହରଛକସ୍ଥିତ ସୋସିଆଲ ଡେଭଲପମେଣ୍ଟ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଯୁବ ବିକାଶ@ଇଣ୍ଡିଆ ୨୦୪୭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ଯୁବ ସମାଜ ସଙ୍ଗଠିତ ହୋଇ ଦେଶ ପାଇଁ ଉତ୍ତମ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ନରେନ୍ଦ୍ର ପାଇକରାଏ ଯୋଗଦାନ କରି ଯୁବକ ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସାଧନ ବ୍ୟକ୍ତି ଭାବେ ରାଷ୍ଟ୍ରୀୟ ପୁରସ୍କାରପ୍ରାପ୍ତ ସୁଶାନ୍ତ ତ୍ରିପାଠୀ ଯୋଗଦାନ କରି ରାଷ୍ଟ୍ର ହିତରେ ଯୁବକମାନଙ୍କ ଭୂମିକା କିପରି ରହିବ ତାହା ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଅନ୍ୟତମ ସାଧନ ବ୍ୟକ୍ତି ଭାବେ ସତ୍ୟନାରାୟଣ ପରିଡା ଏବଂ ମମତା ମାଝି ଯୋଗଦେଇ ରାଷ୍ଟ୍ର ଗଠନ ତଥା ଉନ୍ନତିରେ ଯୁବପିଢ଼ିଙ୍କ ଭୂମିକା ଉପରେ ସମ୍ୟକ ବିବରଣୀ ପ୍ରଦାନ କରିଥିଲେ। ଅନୁଷ୍ଠାନ ସମ୍ପାଦକ ବୁଦ୍ଧଦେବ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନ ତରଫରୁ ମହାଦେବ ଦାସ, ରଞ୍ଜିତ କୁମାର ମହାନ୍ତି, ମନୋରଞ୍ଜନ ସ୍ୱାଇଁଙ୍କ ସହିତ ଆଞ୍ଚଳିକ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ବିଜ୍ଞାନ ପ୍ରତି ଛାତ୍ରୀଛାତ୍ର ଆଗ୍ରହୀ ହୁଅନ୍ତୁ

ବଇଣ୍ଡା,୪।୮(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡା ଶିଶୁମନ୍ଦିରରେ ଶୁକ୍ରବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଲୁହାମୁଣ୍ଡା ହାଇସ୍କୁଲ ବିଜ୍ଞାନ ଶିକ୍ଷକ ବିଶ୍ୱରଞ୍ଜନ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବଇଣ୍ଡା ଜନତା ମହାବିଦ୍ୟାଳୟର ଅଧ୍ୟାପକ ସଂଗ୍ରାମ କେଶରୀ ସାହୁ, ପ୍ରଧାନ ଅଚାର୍ଯ୍ୟ ରବୀନ୍ଦ୍ର ନାଥ ଜେନା, ବିଦ୍ୟାଳୟ ସଭାପତି ଶରତ ଚନ୍ଦ୍ର ସାହୁ, ସହ ପ୍ରଧାନ ଆଚାର୍ଯ୍ୟା, ଜ୍ୟୋସ୍ନାମୟୀ ପ୍ରଧାନ, ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ନିରୁପମା ବାରିକ ଯୋଗ ଦେଇଥିଲେ। ଏଥିରେ ଶିଶୁ ବର୍ଗର ୩୫ଟି ଓ ବାଲ ବର୍ଗର ୨୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ଶିକ୍ଷୟିତ୍ରୀ ସସ୍ମିତା ସାହୁ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଇଣ୍ଡା ଜନତା ମହାବିଦ୍ୟାଳୟର ଅଧ୍ୟକ୍ଷ କାଳନ୍ଦୀ ଚରଣ ପ୍ରଧାନ ଯୋଗଦେଇ ବିଜ୍ଞାନ ପ୍ରତି ଛାତ୍ରୀଛାତ୍ରମାନେ ଆଗ୍ରହ ବଢ଼ାଇବାକୁ ପରାମର୍ଶ ଦେଇଥିଲେ। ସୁମତିରାଣୀ ପ୍ରଧାନ, ବୁଲୁପ୍ରସାଦ ସାହୁ, ପ୍ରମୋଦ ସ୍ୱାଇଁ, ବାପୁଜୀ ଦେହୁରୀ, ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ସହଯୋଗ କରିଥିଲେ।


ବିଜ୍ଞାନ ପ୍ରକଳ୍ପକୁ ଅତିଥିମାନେ ବୁଲି ଦେଖୁଛନ୍ତି।

# ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ

### କଣିହାଁ ପଞ୍ଚାୟତ ସମିତି ବୈଠକ

କଣିହାଁ,୪।୮(ସଚ୍ଚିଦାନନ୍ଦ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ପବିତ୍ରମୋହନ ସଭାଗୃହରେ ଶୁକ୍ରବାର ପଞ୍ଚାୟତ ସମିତିର ୩ୟ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପୂର୍ବରୁ ସଭାଗୃହର ହୋଇଥିବା ଉନ୍ନତୀକରଣ କାର୍ଯ୍ୟ ସହିତ ସେଠାରେ ନୂତନ ଭାବେ ସ୍ଥାପନ କରାଯାଇଥିବା ତାଳଚେର ଗଡ଼ଜାତ ଆନ୍ଦୋଳନର ଆଜନ୍ମ ବିପ୍ଳବୀ ସ୍ୱାଧୀନତା ସଂଗ୍ରାମୀ ପବିତ୍ରମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡ଼ା ବିଧାୟକ ମୁକେଶ ପାଲ, ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ, ଜିଲା ପରିଷଦ ଉପସଭାପତି ରଶ୍ମିତା ସେଠୀ, ଜିଲା ପରିଷଦ ସଭ୍ୟ ରଞ୍ଜନ ସାହୁ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବିଡିଓ ଦେବଦତ୍ତ ପ୍ରଧାନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ବୈଠକରେ ଶିକ୍ଷା, କୃଷି, ପାନୀୟ ଜଳ ଯୋଗାଣ ଓ ପରିମଳ, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ଶିଶୁ ଓ ମହିଳା ବିକାଶ, ସାଧାରଣ ବଣ୍ଟନ, ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ଅଂଶଗ୍ରହଣ କରିଥିବା ସରପଞ୍ଚ, ସମିତି ସଭ୍ୟଙ୍କ ପ୍ରଶ୍ନ ଉତ୍ତର ବିଭାଗୀୟ ଅଧିକାରୀ ଦେଇଥିଲେ। ଅନେକ ଅଧିକାରୀ ଅନୁପସ୍ଥିତ ଥିବାରୁ ସନ୍ତୋଷ ଜନକ ଉତ୍ତର ନ ପାଇବାରୁ ପଞ୍ଚାୟତ ପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଆଗକୁ ନିୟମିତ ବୈଠକ ସହିତ ଯେଉଁ ଅଧିକାରୀ ଆସୁନାହାନ୍ତି ସେମାନଙ୍କୁ ନୋଟିସ କରାଯିବ। ଉନ୍ନୟନ କାର୍ଯ୍ୟରେ ଜନସାଧାରଣଙ୍କ ଉନ୍ନତି ପାଇଁ ସରକାରୀ ଅଧିକାରୀ ଲୋକ ପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା। ଜିପିଓ ରଶ୍ମିରେଖା ନାୟକ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅତିଥିମାନେ।

# ସବୁଜିମାରେ ଭରିବ ୪ କି.ମି. ଗ୍ରାମ୍ୟ ରାସ୍ତା

ଢେଙ୍କାନାଳ, ୪।୮(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଚନ୍ଦ୍ରଶେଖର ପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଗଞ୍ଜେଇଡ଼ିହି ଗ୍ରାମରେ 'ବେୟଣ୍ଡ ସ୍ମାଇଲ୍ ଫାଉଣ୍ଡେଶନ' ଏବଂ 'ସତ୍ୟମେବ ଜୟତେ ଏକତା ମଞ୍ଚ' ପକ୍ଷରୁ ପରିବେଶ ସୁରକ୍ଷା ବନୀକରଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାକୁ ସବୁଜିମାମୟ କରିବା ଲାଗି ଯୁବବର୍ଗ ଶପଥ ନେଇଛନ୍ତି। ଗତ ରବିବାର ୪ କିଲୋମିଟର ଦୀର୍ଘ ରାସ୍ତା ପାର୍ଶ୍ୱରେ ଚାରାରୋପଣ କରାଯାଇଛି।

ଏମ୍‌ପି ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସବୁଜ ପୃଥିବୀ ଲାଗି ଗ୍ରାମର ଉତ୍ସାହୀ ଯୁବକ ଏବଂ ଅନୁଷ୍ଠାନର ଏଭଳି ପ୍ରୟାସକୁ ସେ ପ୍ରଶଂସା କରିଛନ୍ତି। ଚଳିତ ବର୍ଷ ଜାମୁ, ହରିଡ଼ା, ବାହାଡ଼ା, ଆମ୍ବ, ପଣସ, ପିଜୁଳି, କଦମ୍ବ, ବଉଳ ଆଦି ପ୍ରଜାତିର ୧୦୦୦ ଚାରା ରୋପଣ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବେୟଣ୍ଡ ଫାଉଣ୍ଡେଶନ୍ ଅଧ୍ୟକ୍ଷ ଗଦାଧର ସାହୁ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଅଶୋକ ପରିଡ଼ା, ପୂର୍ବତନ ନଗରପାଳ ଇନ୍ଦ୍ରମଣି ବେହେରା, ସତ୍ୟମେବ ଜୟତେ ଏକତା ମଞ୍ଚ ସଭାପତି ରତିରଞ୍ଜନ ବେହେରା, ହେମନ୍ତ ବେହେରା, ନିତ୍ୟାନନ୍ଦ ମହାରଣା, ସୌମ୍ୟରଞ୍ଜନ ମହାନ୍ତି, ରାଜେଶ ନାଏକ, ସୁଜିତ୍ ମହାନ୍ତି, ବିକ୍ରମ ବେହେରା, ବରିଷ୍ଠ ନାଗରିକ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଚାରା ରୋପଣ କାର୍ଯ୍ୟକ୍ରମରେ ଅନୁଷ୍ଠାନର କର୍ମକର୍ତ୍ତାମାନେ।

# ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

ଢେଙ୍କାନାଳ,୪।୮(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶୁକ୍ରବାର ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି କୋଷାଧ୍ୟକ୍ଷ ସନ୍ତୋଷ ମହାଭୋଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମିତିର ଯୁଗ୍ମ ସମ୍ପାଦକ ସୌମ୍ୟରଞ୍ଜନ ବେହେରା ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଶିଶୁବର୍ଗରେ ୨୭, ବାଲ୍‌ବର୍ଗରେ ୨୩ ଏବଂ କନିଷ୍ଠ ବର୍ଗରେ ୨୧ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶିଶୁବର୍ଗର ପ୍ରକଳ୍ପଗୁଡିକ ପରିଚାଳନା ସମିତିର ଯୁଗ୍ମ ସମ୍ପାଦକସୌମ୍ୟରଞ୍ଜନ ବେହେରା, କୋଷାଧ୍ୟକ୍ଷ ସନ୍ତୋଷ ମହାଭୋଇ ମୂଲ୍ୟାଙ୍କନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଆଚାର୍ଯ୍ୟ ରଞ୍ଜନ ବେହେରା, ରଶ୍ମିତା ବେହେରା, ଅଶାନ୍ତି ସାହୁ, କ୍ଷିରାବ୍ଧି ତନୟା ମହାପାତ୍ର ପରିଚାଳନା କରିଥିଲେ। ଆଚାର୍ଯ୍ୟ ଗଗନ ବିହାରୀ ନାୟକ, ରଶ୍ମିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।


ମେଳାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ।

# କୃତୀ ଛାତ୍ରୀଛାତ୍ର ପୁରସ୍କୃତ


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

ଢେଙ୍କାନାଳ,୪।୮(ରତନ ନାୟାର)

ଢେଙ୍କାନାଳ ସୁନ୍ଦରିଖାଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମହିମା ଯୋଗ ଏବଂ ୱେଲନେସ ଟ୍ରଷ୍ଟ ଆନୁକୂଲ୍ୟରେ ଦ୍ୱିତୀୟ ଜିଲାସ୍ତରୀୟ ଯୋଗାସନ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ସ୍ଥାନୀୟ ବ୍ରିଟିଶ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୋନାଲିସା ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟନାଥ ମହାପାତ୍ର ଯୋଗଦେଇ ଯୋଗ ଦ୍ୱାରା ପିଲାଙ୍କ ସର୍ବାଙ୍ଗୀନ ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର, ମଦର ନେଚରପାଥିର ମୁଖ୍ୟ ଟ୍ରଷ୍ଟି ପୀତବାସ ସାହୁ ଯୋଗ ଦେଇଥିଲେ। ବିଚାରକ ଚିନ୍ତାମଣି ନାଥ, ମୋନାଲିସା ସାହୁ, ମିନତି ମହାରାଜ, ରଶ୍ମିତା ନନ୍ଦ, ମନସ୍ୱିନୀ ମିଶ୍ର, ସୁଶୀଲ ପଣ୍ଡା, ଗୌରଚନ୍ଦ୍ର ନନ୍ଦ, ଅଶ୍ୱିନୀ ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଯୋଗିତାରେ ମୋଟ୍ ୮୭ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀ ରାଜ୍ୟସ୍ତରକୁ ଚୟନ ହୋଇଛନ୍ତି।

# ଦିବ୍ୟାଙ୍ଗଙ୍କୁ ହୁଇଲ୍ ଚେୟାର

ରାସୋଳ, ୪।୮(ସରୋଜ ମିଶ୍ର)

ରାସୋଳସ୍ଥିତ ଶ୍ରଦ୍ଧା ଶକ୍ତି ସେବା ସଂସ୍ଥାନ (ଜନମଙ୍ଗଳ) ସହାୟତାରେ ୩ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଛି। ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରରେ ଆବଶ୍ୟକ ନଥିପତ୍ର ଦାଖଲ ପରେ ସେଠାରୁ ହୁଇଲ୍ ଚେୟାର ଅଣାଯାଇଥିଲା। କନକା ଗ୍ରାମର ସୀମା ପ୍ରଧାନ (୨୦), ପୃଥ୍ୱୀରାଜ ପ୍ରଧାନ (୪୮) ଏବଂ ନୂଆବଗର ଜାହାଜ ଦେହୁରୀ (୪୮)ଙ୍କୁ ଏହାକୁ ପ୍ରଦାନ କରାଯାଇଛି। ଉପଦେଷ୍ଟା ତଥା ନୂଆବଗ ସରପଞ୍ଚ ମାନସ ଦେହୁରୀଙ୍କ ଉପସ୍ଥିତିରେ ସଙ୍ଗଠନର ପ୍ରତିଷ୍ଠାତା ବିଭୁପ୍ରସାଦ ଶତପଥୀ, ସଭାନେତ୍ରୀ ନିରୁପମା ମିଶ୍ର, ସହ ସଂଯୋଜକ ଚନ୍ଦନ ସାହୁ, ସେବକ ନିରାକାର ବୈଦ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ମୋବାଇଲ ନମ୍ବର ୯୩୩୭୨୯୧୦୯୫ରେ ଯୋଗାଯୋଗ କରି ଆବଶ୍ୟକ କାଗଜପତ୍ର ଦାଖଲ ପରେ ବ୍ଲକର ଦିବ୍ୟାଙ୍ଗମାନେ ସହାୟକ ଉପକରଣ ପାଇପାରିବେ। ଏଥିଲାଗି କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଐରା' ସହାୟତାରେ ଏଭଳି ସାମାଜିକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।


ଜଣେ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଛି।

# ସାମୂହିକ ଔଷଧ ସେବନକୁ ଗୁରୁତ୍ୱ

ଭୁବନ, ୪।୮(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଶୁକ୍ରବାର ଫାଇଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ରମେଶ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁ, ଏବିଇଓ ପୁଷ୍ପାଞ୍ଜଳି ମିଶ୍ର, ରୋଗ ନିରାକରଣ ସୁପରଭାଇଜର ଅମିତ ସାମଲ, ଆଇସିଡିଏସ୍ ସୁପରଭାଇଜର ଇନ୍ଦୁମତୀ ଦେଇ, କଲ୍ୟାଣୀ ସାମଲ ପ୍ରମୁଖ ଯୋଗଦେଇଥିଲେ। ଗର୍ଭବତୀ, ୨ ବର୍ଷରୁ କମ୍ ବୟସର ଶିଶୁ, ଗୁରୁତ୍ୱର ଅସୁସ୍ଥ ରୋଗୀ, ଏକ ସପ୍ତାହର ପ୍ରସୂତିଙ୍କୁ ବଟିକା ସେବନ ପାଇଁ ବାରଣ କରାଯାଇଛି। ଅନ୍ୟମାନଙ୍କ ପାଇଁ ଫାଇଲେରିଆ ବଟିକା ବିପଦମୁକ୍ତ। ସାମୂହିକ ଔଷଧ ସେବନ ଦ୍ୱାରା ଏହି ରୋଗର ନିରାକରଣ କରାଯାଇପାରିବ ବୋଲି ଅତିଥିମାନେ କହିଥିଲେ।

ଆସନ୍ତା ଅଗଷ୍ଟ ୧୦ରୁ ୧୯ ତାରିଖ ଯାଏ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଚାଲିବ। ତାଲିମପ୍ରାପ୍ତ ଅଙ୍ଗନୱାଡି କର୍ମୀ, ସହାୟିକା, ଆଶାକର୍ମୀ, ଏସ୍‌ଏଚ୍‌ଜି ସଦସ୍ୟା, ସ୍ୱଚ୍ଛସାଥୀ ଏଥିରେ ସାମିଲ ହେବେ। ୧୦ ତାରିଖରେ ବ୍ଲକ କାର୍ଯ୍ୟାଳୟରେ ବିଡିଓ ଔଷଧ ସେବନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ବୋଲି ସୂଚନା ଦିଆଯାଇଛି। ଆକାଉଣ୍ଟାଣ୍ଟ ଶୁଭକାନ୍ତ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ପ୍ରଶାସନିକ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ।

# ସହପାଠୀଙ୍କ ସହ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ପଚରା ଉଚରା

### ନାବାଳକଙ୍କୁ ବଳି ସନ୍ଦେହ ଘଟଣା

ଅନୁଗୋଳ, ୪।୮ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା କିଆକଟା ଥାନା ବାସୁଦେବପୁର ପଞ୍ଚାୟତର ସୁବର୍ଣ୍ଣପୁର ଗ୍ରାମର ନାବାଳକ ସଞ୍ଜୀବ ବିଶ୍ୱାଳ(୧୩)ଙ୍କୁ ବଳି ଦିଆଯାଇଥିବା ଅଭିଯୋଗ ଘଟଣାର ତଦନ୍ତ ଜୋର୍ ଧରିଛି। ମୃତ ସଞ୍ଜୀବଙ୍କ ସହ ପଢ଼ୁଥିବା ବିଦ୍ୟାଳୟର କେତେଜଣଙ୍କ ସହ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଶୁକ୍ରବାର ପୋଲିସ ପଚରାଉଚରା କରିଥିବା ଅନୁଗୋଳ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ବିଶେଷକରି ବିଦ୍ୟାଳୟରେ ସଞ୍ଜୀବଙ୍କ ଆଚର ବ୍ୟବହାର କିପରି ରହୁଥିଲା ସେ ନେଇ ପୋଲିସ ପଚାରି ବୁଝିଛି। ଏଥିସହ ମାନସିକ ଅବସ୍ଥା, ଗତ ବର୍ଷେ ହେବ ସଞ୍ଜୀବଙ୍କ ବ୍ୟବହାର କିଭଳି ରହୁଥିଲା, ଗୁମ୍‌ସୁମ୍ ହୋଇ ରହୁଥିଲେ କି ଫୂର୍ତ୍ତି ରହୁଥିଲେ, କେଉଁ ସମୟରେ ସେ ଭୟଭୀତ ରହୁଥିଲା କି? କାହା ସହ ଅଧିକ ମିଳାମିଶା କରୁଥିଲେ, ସ୍କୁଲରୁ କେତେ ଦିନ ଲେଖାଏ ଅନୁପସ୍ଥିତ ରହୁଥିଲେ, ଏନେଇ ପୋଲିସ ପ୍ରଶ୍ନ କରିଥିଲା। ଏଥିସହ ଅନ୍ୟ କେତେକ ଦିଗ ଉପରେ ମଧ୍ୟ ପୋଲିସ ତଦନ୍ତ ଜାରି ରଖିଥିବା ଏସ୍‌ପି କହିଛନ୍ତି। ଘଟଣାଟି ସମ୍ବେଦନଶୀଳ ହୋଇଥିବାରୁ ବିଭିନ୍ନ ଦିଗକୁ ତଦନ୍ତ ପରିସର ଭୁକ୍ତ କରାଯାଇଛି। ଅନ୍ୟପକ୍ଷରେ ସାଇଣ୍ଟିଫିକ୍ ଟିମ୍‌ର ରିପୋର୍ଟ ପୋଲିସର ହସ୍ତଗତ ହୋଇ ନ ଥିବା ଅନୁଗୋଳ ଏସ୍‌ପି ମିଶ୍ର ପ୍ରକାଶ କରିଛନ୍ତି।

# ଭିତ୍ତିଭୂମି ଅଭାବରୁ ବୀତସ୍ପୃହ

**କେଉଁଠି ଛାତ୍ରାବାସ ସୁବିଧା ନାହିଁ ତ ଅନ୍ୟ କେଉଁଠି ବର୍ଷ ବର୍ଷ ଧରି ଖାଲି ପଡ଼ିଛି ଅଧ୍ୟାପକ ପଦବୀ। ଶିକ୍ଷାନୁଷ୍ଠାନର ଗୋଟିଏ ଛାତ ତଳେ ସର୍ବନିମ୍ନ ସୁବିଧା ମିଳିବା ସ୍ୱପ୍ନ। ଏଭଳି ସମସ୍ୟାକୁ ବର୍ଷ ବର୍ଷ ଧରି ଦେଖି ଆସିଥିବା ଛାତ୍ରୀଛାତ୍ର ଦଶମ ପାସ୍ ପରେ ସ୍ଥାନୀୟ କଲେଜରେ ଯୁକ୍ତ ୨ରେ ନାମ ଲେଖାଇବାକୁ ପଛଘୁଞ୍ଚା ଦେଉଛନ୍ତି। ଏହି କାରଣରୁ ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡର ବିଭିନ୍ନ କଲେଜରେ ଚଳିତ ବର୍ଷ ୩୬% ସିଟ୍ ଖାଲି ପଡ଼ିଛି। ଶିକ୍ଷାୟତନରେ ଦୁର୍ବଳ ଭିତ୍ତିଭୂମି କାରଣରୁ ଯୁକ୍ତ ୨ ପାଠ୍ୟକ୍ରମ ପ୍ରତି ପିଲାଙ୍କ ବୀତସ୍ପୃହ ବଢ଼ୁଛି ବୋଲି ବୁଦ୍ଧିଜୀବୀ, ଅଭିଭାବକ ମତବ୍ୟକ୍ତ କରିଛନ୍ତି।**

ଉଚ୍ଚ ମାଧ୍ୟମିକ ଶିକ୍ଷାପରିଷଦ, ଓଡ଼ିଶା

କାମାକ୍ଷାନଗର, ୪।୮ (ସୁଧୀର ପରିଡ଼ା)

- ଯୁକ୍ତ ୨ରେ ୩୬ ପ୍ରତିଶତ ସିଟ୍ ଫାଙ୍କା
- ମୌଳିକ ସମସ୍ୟା ସୁଧାରିବାରେ କର୍ତ୍ତୃପକ୍ଷ ବିଫଳ
- ଉଦ୍‌ବେଗ ବ୍ୟକ୍ତକଲେ ବୁଦ୍ଧିଜୀବୀ, ଅଭିଭାବକ

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡରେ ରହିଛି ସମୁଦାୟ ୨୯ଟି ଯୁକ୍ତ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ। ତନ୍ମଧ୍ୟରୁ ଭୁବନ ବ୍ଲକରେ ସର୍ବାଧିକ ୧୧ଟି ଥିବାବେଳେ କାମାକ୍ଷାନଗର ବ୍ଲକରେ ରହିଛି ୮ଟି। କଙ୍କଡ଼ାହାଡ଼ ଏବଂ ପରଜଙ୍ଗ ବ୍ଲକରେ ୫ଟି ଲେଖାଏ କଲେଜ କାର୍ଯ୍ୟକ୍ଷମ ଅଛି। କେବଳ କାମାକ୍ଷାନଗର ଏବଂ ଭୁବନରେ ଗୋଟିଏ ଲେଖାଏ ମହିଳା ମହାବିଦ୍ୟାଳୟ ଥିବାବେଳେ ଉପଖଣ୍ଡର ଅଧିକାଂଶ ଯୁକ୍ତ ୨ ଛାତ୍ରୀ ସେଠାରେ ଅଧ୍ୟୟନ କରୁଛନ୍ତି।

ନିକଟରେ ଯୁକ୍ତ ୨ ଆଡ୍‌ମିଶନ ପ୍ରକ୍ରିୟା ଶେଷ ହୋଇଛି। ସ୍ୱାଗତ ସମ୍ବର୍ଦ୍ଧନା ସହ ଉପଖଣ୍ଡର ବିଭିନ୍ନ କଲେଜରେ ନବାଗତଙ୍କ ପାଠପଢ଼ା ଆରମ୍ଭ ହୋଇଛି। ତେବେ ଶ୍ରେଣୀ ଗୃହ ଫାଙ୍କା ପଡ଼ୁଛି। କାରଣ ଚଳିତବର୍ଷ ୩୬.୪୬ ପ୍ରତିଶତ ସିଟ୍‌ରେ କେହି ନାମ ଲେଖାଇନାହାନ୍ତି। ଏତେ ପରିମାଣର ସିଟ୍ ଖାଲିପଡ଼ିବା ଚିନ୍ତା ବଢ଼ାଇଛି। ଶିକ୍ଷାନୁଷ୍ଠାନରେ ଭିତ୍ତିଭୂମି ଅଭାବ ଯୋଗୁ ଉପଖଣ୍ଡର ପିଲାମାନେ ଅନ୍ୟତ୍ର ଅଧ୍ୟୟନ କରିବାକୁ ଆଗ୍ରହୀ ହେଉଥିବା ଅଭିଭାବକମାନେ କହିଛନ୍ତି।

ହସ୍ତଗତ ହୋଇଥିବା ସୂଚନା ଅନୁଯାୟୀ କାମାକ୍ଷାନଗର ଉପଖଣ୍ଡର ୨୯ କଲେଜରେ କଳା ବିଭାଗରେ ୪,୫୭୬, ବିଜ୍ଞାନରେ ୧,୮୪୦, ବାଣିଜ୍ୟରେ ୪୪୮, ଧନ୍ଦାମୂଳକ ଶିକ୍ଷାରେ ୨୫୨ ସିଟ୍ ରହିଛି। କଳାରେ ୩,୧୧୮, ବିଜ୍ଞାନରେ ୧,୧୬୩, ବାଣିଜ୍ୟରେ ୧୪୪, ଧନ୍ଦାମୂଳକ ଶିକ୍ଷାରେ ୯୬ ସିଟ୍ ପୂରଣ ହୋଇଛି। କଳାରେ ୧,୪୫୮, ବିଜ୍ଞାନରେ ୬୭୭, ବାଣିଜ୍ୟରେ ୩୦୪, ଧନ୍ଦାମୂଳକ ଶିକ୍ଷାରେ ୧୫୬ ସିଟ୍ ଖାଲି ପଡ଼ିଛି। କାମାକ୍ଷାନଗର ବ୍ଲକରେ ମୋଟ୍ ସିଟ୍ ସଂଖ୍ୟା ୧,୬୩୬ ଥିବାବେଳେ କଳାରେ ୬୬୪ ବିଜ୍ଞାନରେ ୧୭୦, ବାଣିଜ୍ୟରେ ୨୪, ଧନ୍ଦାମୂଳକ ଶିକ୍ଷାରେ ୨୮ ଜଣ ନାମ ଲେଖାଇଛନ୍ତି। କଳାରେ ୪୨୪, ବିଜ୍ଞାନରେ ୨୩୦, ବାଣିଜ୍ୟରେ ୪୦ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫୬ ସିଟ୍ ଖାଲିପଡ଼ିଛି। ସେହିପରି ଭୁବନ ବ୍ଲକରେ ୨,୫୫୨ ସିଟ୍ ମଧ୍ୟରୁ କଳାରେ ୧,୦୯୩, ବିଜ୍ଞାନରେ ୨୪୩, ବାଣିଜ୍ୟରେ ୫୮ ଧନ୍ଦାମୂଳକ ଶିକ୍ଷାରେ ୪୧ ପିଲା ଆଡ୍‌ମିଶନ ହୋଇଛନ୍ତି। କଳାରେ ୬୦୩, ବିଜ୍ଞାନରେ ୨୬୯, ବାଣିଜ୍ୟରେ ୧୬୬, ଧନ୍ଦାମୂଳକ ଶିକ୍ଷାରେ ୭୯ ସିଟ୍ ଖାଲି ଅଛି। କଙ୍କଡ଼ାହାଡ଼ ବ୍ଲକରେ ମୋଟ ସିଟ୍ ସଂଖ୍ୟା ୧,୧୫୨। କଳାରେ ୭୨୧, ବିଜ୍ଞାନରେ ୧୬୨, ବାଣିଜ୍ୟରେ ୪୩ ଜଣ ନାମ ଲେଖାଇଛନ୍ତି। କଳାରେ ୧୧୧, ବିଜ୍ଞାନରେ ୯୪ ଓ ବାଣିଜ୍ୟରେ ୨୧ ସିଟ୍ ଖାଲି ଅଛି। ଧନ୍ଦାମୂଳକ ଶିକ୍ଷାରେ କେହି ଆଡ୍‌ମିଶନ ନେଇନାହାନ୍ତି। ପରଜଙ୍ଗ ବ୍ଲକରେ ମୋଟ ୧,୭୭୬ ସିଟ୍ ମଧ୍ୟରୁ କଳାରେ ୬୪୦, ବିଜ୍ଞାନରେ ୪୮୮, ବାଣିଜ୍ୟରେ ୧୯, ଧନ୍ଦାମୂଳକ ଶିକ୍ଷାରେ ୨୭ ଜଣଙ୍କ ନାମ ଲେଖାହୋଇଛି। କଳାରେ ୩୨୦, ବିଜ୍ଞାନରେ ୧୮୪, ବାଣିଜ୍ୟରେ ୭୭, ଧନ୍ଦାମୂଳକ ଶିକ୍ଷାରେ ୨୧ ସିଟ୍ ଖାଲିପଡ଼ିଥିବା ଜଣାପଡ଼ିଛି।

### ଅଧ୍ୟାପକ ଅଭାବ ପ୍ରମୁଖ ସମସ୍ୟା



କାମାକ୍ଷାନଗର ଉପଖଣ୍ଡର ଅଧିକାଂଶ କଲେଜରେ ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ନାହାନ୍ତି। ପିଲାଙ୍କ ଭବିଷ୍ୟତକୁ ନଜରରେ ରଖି ଅଭିଭାବକମାନେ ସେମାନଙ୍କୁ ଘରୋଇ କଲେଜରେ ପଢ଼ାଇବାକୁ ଆଗ୍ରହୀ ହେଉଛନ୍ତି।

ଦିଲୀପ ପ୍ରଧାନ, ଅଭିଭାବକ

### ପ୍ରତିଦ୍ୱନ୍ଦ୍ୱିତାମୂଳକ ଶିକ୍ଷାଦାନରେ ପଛୁଆ



ସରକାରୀ ଓ ଅନୁଦାନପ୍ରାପ୍ତ କଲେଜ ପ୍ରତିଦ୍ୱନ୍ଦ୍ୱିତାମୂଳକ ଶିକ୍ଷାଦାନରେ ପଛୁଆ। ଆଉ ଏକ ସମସ୍ୟା ହେଲା ଛାତ୍ରାବାସରେ କଟକଣା। ତେଣୁ ପିଲାମାନେ ଘରୋଇ ଶିକ୍ଷାନୁଷ୍ଠାନ ମୁହାଁ ହେଉଛନ୍ତି।

ମଦନମୋହନ ଜେନା, ସହକାରୀ ଉପଜିଲାପାଳ

### ଅଭିଭାବକ ଘରୋଇ ଶିକ୍ଷାନୁଷ୍ଠାନ ବାଛୁଛନ୍ତି



ଘରୋଇ ଶିକ୍ଷାନୁଷ୍ଠାନରେ ଛାତ୍ରୀମାନେ ଅଧିକ ନିରାପଦ ବୋଲି ଅଭିଭାବକ ଭାବୁଛନ୍ତି। ତେଣୁ ସେମାନେ ସରକାରୀ ଓ ଅନୁଦାନପ୍ରାପ୍ତ କଲେଜ ଅପେକ୍ଷା ଘରୋଇ ଅନୁଷ୍ଠାନକୁ ବାଛୁଛନ୍ତି।

-ସୁବାସିନୀ ସାଥୁଆ ମହାପାତ୍ର, ଉଦ୍ଭିଦ ବିଜ୍ଞାନ ମୁଖ୍ୟ, କାମାକ୍ଷାନଗର କଲେଜ

### ହଷ୍ଟେଲ ସମସ୍ୟା ରହିଛି



ଅଧିକାଂଶ ସରକାରୀ ମହାବିଦ୍ୟାଳୟରେ ହଷ୍ଟେଲ ନାହିଁ। ତେଣୁ ଅନେକ ଅଭିଭାବକ ସବୁ ସୁବିଧା ଥିବା ଅନୁଷ୍ଠାନକୁ ଚୟନ କରୁଛନ୍ତି। ଅନେକ କଥା ଅଛି, ତାହା କହିବା ସମ୍ଭବ ନୁହେଁ।

-ମଙ୍ଗୁଲି ଚରଣ ନାୟକ, ଅଧକ୍ଷ, କାମାକ୍ଷାନଗର ମହାବିଦ୍ୟାଳୟ

# 'ଦିଲ୍ଲୀ ସେବା ବିଲ୍ ଅଗଣତାନ୍ତ୍ରିକ'



ଖବରଦାତା ସମ୍ମିଳନୀରେ ଏଏପି କାର୍ଯ୍ୟକର୍ତ୍ତା।

ଢେଙ୍କାନାଳ, ୪।୮ (ରତନ ନାୟାର)

## ବିଜେଡିକୁ ଟାର୍ଗେଟ କଲା ଏଏପି

ଦିଲ୍ଲୀର ସେବା ପ୍ରଶାସନକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ଆଣିଥିବା ବିଲ୍‌କୁ ଅଗଣତାନ୍ତ୍ରିକ ବୋଲି କହିଛି ଢେଙ୍କାନାଳ ଜିଲା ଆମ୍ ଆଦ୍‌ମୀ ପାର୍ଟି (ଏଏପି)। ଦିଲ୍ଲୀବାସୀଙ୍କ ସ୍ୱାର୍ଥବିରୋଧୀ ଏଭଳି ଏକ ବିଲ୍‌କୁ ବିଜେଡି ସମର୍ଥନ କରିବା ନିନ୍ଦନୀୟ ବୋଲି ଏଏପି ପକ୍ଷରୁ କୁହାଯାଇଛି।

ଦଳୀୟ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏଏପିର ଜିଲା ସଭାପତି ପଙ୍କଜ ନାୟକ ଯୋଗଦେଇ କହିଲେ, ସୁପ୍ରିମକୋର୍ଟ ଦିଲ୍ଲୀର ଶାସନ ପାଇଁ ନିର୍ବାଚିତ ସରକାରଙ୍କୁ ଉତ୍ତରଦାୟୀ କରିଛନ୍ତି। ପ୍ରଶାସନ ସମ୍ପର୍କିତ ସମସ୍ତ ନିଷ୍ପତ୍ତି ନେବାର ଅଧିକାର ଦିଲ୍ଲୀ ସରକାରଙ୍କ ରହିଛି ବୋଲି ସ୍ପଷ୍ଟ କରିଛନ୍ତି। ଏହାପରେ ତରବରିଆ ଭାବେ କେନ୍ଦ୍ରର ଭାଜପା ସରକାର ଏହି ଅଧ୍ୟାଦେଶ ଆଣିଛନ୍ତି। ଏହି ବିଲ୍‌କୁ ବିଜେଡି ସମର୍ଥନ ଜଣାଇଛି। ମଣିପୁର ହିଂସା ଘଟଣାରେ ଆସିଥିବା ଅନାସ୍ଥା ପ୍ରସ୍ତାବରେ ମଧ୍ୟ ଭାଜପାକୁ ବିଜେଡି ସମର୍ଥନ କରିଛି, ଯାହା ମହିଳା ଓ ଆଦିବାସୀ ବିରୋଧୀ। ଏହା ପ୍ରତିଓଡ଼ିଆଙ୍କୁ ବ୍ୟଥିତ କରିଛି। ଓଡ଼ିଶାର ଶାସନ ଜଣେ ଅମଲା ଦ୍ୱାରା ପରିଚାଳିତ ହେବା ଏବଂ ଦିଲ୍ଲୀରେ ନିର୍ବାଚିତ ସରକାରଙ୍କଠାରୁ କ୍ଷମତା କାଢ଼ି ଅମଲାତନ୍ତ୍ରକୁ ଶାସନ ଦେଇଦେବା ସମାନ କଥା। ଏଥିରୁ ଭାଜପା-ବିଜେଡି ଅଘୋଷିତ ମେଣ୍ଟ ରହିଥିବା ଜଣାପଡୁଛି। ଏହାକୁ ଶାସକ ବିଜେଡି ସ୍ପଷ୍ଟ କରୁ ବୋଲି ଦଳୀୟ ନେତୃବୃନ୍ଦ ଦାବି କରିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ଉପସଭାପତି ବିକ୍ରମ ରାଉତ, ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା, ମହିଳା ସଭାପତି ନଳିନୀ ସାହୁ, ସଙ୍ଗଠନ ସମ୍ପାଦକ ଚିନ୍ମୟ ସେନାପତି, ସୋସିଆଲ ମିଡିଆ ସଦସ୍ୟ ଜିତେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# 'ଦକ୍ଷତା ବଢ଼ିଲେ ଯୁବପିଢ଼ି ସ୍ୱାବଲମ୍ବୀ ହେବେ'

କାମାକ୍ଷାନଗର, ୪।୮ (ସୁଧୀର ପରିଡ଼ା)

## ଯନ୍ତାରିବୋଲରେ ହେବ ଦକ୍ଷତା ବିକାଶ କେନ୍ଦ୍ର

ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ (ଓଏସ୍‌ଡିଏ) ଚେୟାରମ୍ୟାନ୍ ଅଲ୍‌କା ମିଶ୍ର ଶୁକ୍ରବାର ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଗସ୍ତରେ ଆସି ଯନ୍ତାରିବୋଲସ୍ଥିତ ମଡେଲ ଡିଗ୍ରୀ କଲେଜ କୋଠା ପରିଦର୍ଶନ କରିଛନ୍ତି। ଏହି ଶିକ୍ଷାନୁଷ୍ଠାନରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦକ୍ଷତା ବିକାଶ କେନ୍ଦ୍ର କାର୍ଯ୍ୟକ୍ଷମ କରାଯିବାକୁ ଯୋଜନା ରହିଥିବାବେଳେ ଓଏସ୍‌ଡିଏ ଚେୟାରମ୍ୟାନ ଭିତ୍ତିଭୂମି ପରଖିଥିଲେ। ଯୁବପିଢ଼ିଙ୍କୁ ବିଭିନ୍ନ କ୍ଷେତ୍ରରେ ଉନ୍ନତମାନର ପ୍ରଶିକ୍ଷଣ ଦେଇ ଦକ୍ଷତା ବିକାଶ କରାଯାଇପାରିଲେ ସେମାନେ ସ୍ୱାବଲମ୍ବୀ ହୋଇପାରିବେ। ରାଜ୍ୟ ସରକାର ଏହାକୁ ଗୁରୁତ୍ୱ ଦେଉଛନ୍ତି। ତଦନୁଯାୟୀ ଯନ୍ତାରିବୋଲ ମଡେଲ କଲେଜ କୋଠାରେ ଦକ୍ଷତା ବିକାଶ କେନ୍ଦ୍ର କାର୍ଯ୍ୟକ୍ଷମ କରାଯିବାକୁ ନିଷ୍ପତ୍ତି ରହିଛି। ଖୁବ୍‌ଶୀଘ୍ର ଏହା ଆରମ୍ଭ ହେବ ବୋଲି ଓଏସ୍‌ଡିଏ ଚେୟାରମ୍ୟାନ ମିଶ୍ର ସୂଚନା ଦେଇଛନ୍ତି।

ଜିଲାପାଳ ସରୋଜ କୁମାର ସେଠୀ କହିଲେ, ଯନ୍ତାରିବୋଲରେ ଦକ୍ଷତା ବିକାଶକେନ୍ଦ୍ର କାର୍ଯ୍ୟକ୍ଷମ ହେଲେ ଢେଙ୍କାନାଳ ଜିଲା ଉପକୃତ ହେବ। ଏଠାରୁ ବାହାରୁଥିବା କୁଶଳୀ ଯୁବପିଢ଼ି ରାଜ୍ୟର ଦକ୍ଷ ମାନବ ସମ୍ବଳ ହୋଇପାରିବେ। ଓଏସ୍‌ଡିଏ ଚେୟାରମ୍ୟାନଙ୍କ ଏହି ପରିଦର୍ଶନ ବେଳେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ, କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ବିଡିଓ ବିକାଶ ମହାନ୍ତି, ତହସିଲଦାର ଓମ୍ ପ୍ରକାଶ ମହାନ୍ତି, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ ନାୟକ, ଜିଲା ନିଯୋଜନ ଅଧିକାରୀ କେ. ରୋଜା ଦୋରା, ଅତିରିକ୍ତ ତହସିଲଦାର ଝସକେତନ ନାୟକଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ଯନ୍ତାରିବୋଲ ମଡେଲ ଡିଗ୍ରୀ କଲେଜରେ ଓଏସ୍‌ଡିଏ ଚେୟାରମ୍ୟାନ୍ ଅଲ୍‌କା ମିଶ୍ର, ଜିଲାପାଳ ସରୋଜ କୁମାର ସେଠୀଙ୍କ ସମେତ ଅନ୍ୟମାନେ।

# ୨୦ ଛାତ୍ରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ



ଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଉଛି।

ଢେଙ୍କାନାଳ, ୪।୮ (ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡଗପ୍ରସାଦଠାରେ ନବ ଲିମିଟେଡ୍ କମ୍ପାନୀର କୌଶଳ ବିକାଶ କେନ୍ଦ୍ର ପରିସରରେ ସିଲାଇ, ଫିଟର ଓ ଇଲେକ୍ଟ୍ରିସିଆନ ବିଭାଗରେ ସ୍ଥାନୀୟ ଅଞ୍ଚଳର ଯୁବତୀଯୁବକଙ୍କୁ ବୈଷୟିକ ତାଲିମ ଦିଆଯାଉଛି। କମ୍ପାନୀ ପାର୍ଶ୍ୱବର୍ତ୍ତୀ ଖଡଗପ୍ରସାଦ, ଶିବପୁର, ଚରଡଗାଡିଆ, କୋଟିଲାମଡା, ମେରାମଣ୍ଡଳୀ ଗ୍ରାମର ଯୁବତୀଯୁବକ ପ୍ରଶିକ୍ଷଣ ନେଇ ସ୍ୱାବଲମ୍ବୀ ହୋଇପାରୁଛନ୍ତି। ଗତ ୪ ତାରିଖରେ ସିଲାଇ ତାଲିମ ସମାପ୍ତ କରିଥିବା ୪ର୍ଥ ବ୍ୟାଚ୍‌ର ୨୦ଜଣ ଛାତ୍ରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। କମ୍ପାନୀ ଉପସଭାପତି ତଥା ଓଡ଼ିଶା ୟୁନିଟ ମୁଖ୍ୟ ଅବସରପ୍ରାପ୍ତ କମୋଡର ଜି. ପ୍ରକାଶ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିବା ସହ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। କମ୍ପାନୀର ଅନ୍ୟ ଅଧିକାରୀ ଓ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

# ନବୋଦୟ ବିଦ୍ୟାଳୟରେ ପ୍ରଦର୍ଶନୀ

ପରଜଙ୍ଗ, ୪।୮ (ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଶୁକ୍ରବାର ୫୦ତମ ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବିଜ୍ଞାନ, ଗଣିତ ଏବଂ ପରିବେଶ ସୁରକ୍ଷା ସମ୍ପର୍କିତ ପ୍ରଦର୍ଶନୀରେ କଟକ ସମ୍ଭାଗ ଅନ୍ତର୍ଗତ ୨୨ ନବୋଦୟ ବିଦ୍ୟାଳୟର ୧୧୨ ଛାତ୍ରୀଛାତ୍ର, ୨୧ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଉତ୍ତରପ୍ରଦେଶ ନୋଏଡାସ୍ଥିତ ନବୋଦୟ ବିଦ୍ୟାଳୟ ସମିତି ଆନୁକୂଲ୍ୟରେ ଏହାର ଆୟୋଜନ କରାଯାଇଥିଲା।

ଅତିଥି ଭାବେ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷା ଡ. ପ୍ରତିମା ମିଶ୍ର, ସିଭିଲ ଇଞ୍ଜିନିୟରିଂ ବିଭାଗ ପ୍ରଫେସର ମନୋଜ ଦାଶ, ତହସିଲଦାର ଏସ୍. ଏସ୍. ପଟେଲ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆଇଜିଆଇଟି କଲେଜ ଭୌତିକ ବିଜ୍ଞାନ ବିଭାଗ ପ୍ରଫେସର ବି. ବି. ପଣ୍ଡା, ରସାୟନ ବିଜ୍ଞାନ ପ୍ରଫେସର ବି.କେ. ତ୍ରିପାଠୀ, ଭୁବନେଶ୍ୱର କୃଷି ବିଜ୍ଞାନ କେନ୍ଦ୍ରର ସହଅଧ୍ୟାପିକା ଅନନ୍ୟା ମହାନ୍ତି, ମହାବିରୋଡ ଡିଗ୍ରୀ କଲେଜ ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ଯାଜ୍ଞସେନୀ ସାହୁ, ଡିଏଭି ପବ୍ଲିକ ସ୍କୁଲ ରସାୟନ ବିଜ୍ଞାନ ଶିକ୍ଷକ ମନୋଜ ଜେନା, ଭୌତିକ ବିଜ୍ଞାନ ଶିକ୍ଷକ ବି. କେ. ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଡ.ପ୍ରଶାନ୍ତ ବିଶ୍ୱାଳ, ମଧୁସ୍ମିତା ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ଉପାଧ୍ୟକ୍ଷା ଅନିତା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

# ୩୪ ୟୁନିଟ୍ ରକ୍ତ ସଂଗ୍ରହ

ଢେଙ୍କାନାଳ, ୪।୮ (ରତନ ନାୟାର)- ଢେଙ୍କାନାଳ ଗୁଡିଆନାଳୀସ୍ଥିତ ସନ୍‌ରାଇଜ୍ କ୍ଲବ୍‌ର ସମ୍ପାଦକ ଆରୟାନ୍ ଦାସଙ୍କ ଜନ୍ମଦିନ ଉପଲକ୍ଷେ ଶୁକ୍ରବାର ଏକ ରକ୍ତଦାନ ଶିବିର ଜିଲା ମୁଖ୍ୟ ଚିକିତ୍ସାଳୟରେ ଅନୁଷ୍ଠିତ ହୋଇଯାଇଛି। ମୋଟ ୩୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ସୁଧୀର କୁମାର ସାମଲ, ସମ୍ମାନିତ ଅତିଥି ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ବିଧାୟକଙ୍କ ପ୍ରତିନିଧି ଅଜୟ ଭଞ୍ଜ, ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ଶଶିକାନ୍ତ ମିଶ୍ର, କାଉନସିଲର ଲିପିକା ଦାସ, ଶୁଭଲକ୍ଷ୍ମୀ ସାହୁ, ଅଭିମନ୍ୟୁ ପଣ୍ଡା, ସନ୍ଦୀପ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବ ସଦସ୍ୟ ସୌମ୍ୟରଞ୍ଜନ ଦାସ, କୁଲଦୀପ ମହାପାତ୍ର, ଅନିମେଶ ବେହେରା, ଅଭିଜିତ ସାମଲ, ବିଶ୍ୱଜିତ ସାମଲ, ଶୁଭ୍ରଜିତ୍ ମହାପାତ୍ର, ସୁରଜ ପ୍ରତାପ ସିଂ, ରାକେଶ ରୋଶନ ପ୍ରଧାନ, ଶୁଭଙ୍କର ମହାପାତ୍ର, ସୌମ୍ୟଜିତ୍ ମାଲିକ, ତିଳକ ନନ୍ଦ, ଧନଞ୍ଜୟ ଦାସ, ଦୁର୍ଗା ପ୍ରସାଦ, ସେନାପତି ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।



ଜଣେ ରକ୍ତଦାତାଙ୍କ ଗହଣରେ ଉପସ୍ଥିତ ଅତିଥିଙ୍କ ସମେତ କ୍ଲବର ସଦସ୍ୟମାନେ।

# ନନ୍ଦିନୀଙ୍କ ପାଇଁ ଓଡ଼ିଶା ଗର୍ବିତ

## ପୁଣ୍ୟତିଥିରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି





ସଚେତନ ନାଗରିକ ଫୋରମ୍ ମହିଳା ଶାଖା ପକ୍ଷରୁ ନନ୍ଦିନୀ ଦେବୀଙ୍କ ସ୍ମୃତିସଭା।



ଦୃଷ୍ଟିହୀନ, ବଧିର ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ।

ଢେଙ୍କାନାଳ, ୪।୮ (ରତନ ନାୟାର)

ନନ୍ଦିନୀ ଶତପଥୀ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରିଣୀ। ତାଙ୍କ ପାଇଁ ଓଡ଼ିଶା ଗର୍ବିତ। ପୂର୍ବତନ ମୁଖ୍ୟମନ୍ତ୍ରୀ, ମହାନ ଜନନାୟିକା ତଥା ସୁସାହିତ୍ୟିକା ନନ୍ଦିନୀ ଦେବୀଙ୍କ ସପ୍ତଦଶ ପୁଣ୍ୟତିଥିରେ ଏଭଳି ମତପ୍ରକାଶ ପାଇଛି।

ଢେଙ୍କାନାଳର ସାମାଜିକ ସଙ୍ଗଠନ ଉଫୁନା, ଜିଲା ବୁଦ୍ଧିଜୀବୀ ସଙ୍ଗଠନ, ଗାନ୍ଧୀ ଅଧ୍ୟୟନ କେନ୍ଦ୍ର ତରଫରୁ ନନ୍ଦିନୀ ଦେବୀଙ୍କ ଶ୍ରାଦ୍ଧ ଦିବସରେ ସ୍ଥାନୀୟ ଷ୍ଟାଡିୟମରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ମହିଳା ମହାବିଦ୍ୟାଳୟ, ମୁଖ୍ୟ ଷ୍ଟାଡିୟମ ନିର୍ମାଣ, ଢେଙ୍କାନାଳକୁ ଶିଳ୍ପରେ ସମୃଦ୍ଧ କରିବାରେ ତାଙ୍କର ଅବଦାନ ଚିରସ୍ମରଣୀୟ ବୋଲି ଅନୁଷ୍ଠାନର ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଉଫୁନାର ରାଷ୍ଟ୍ରୀୟ ଉପସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ, ଜିଲା ବୁଦ୍ଧିଜୀବୀ ସଙ୍ଗଠନ ସଭାପତି ଡା. ତୁଷାରକାନ୍ତି ନାୟକ, ଗାନ୍ଧୀ ଅଧ୍ୟୟନ କେନ୍ଦ୍ର ଉପସଭାପତି ସରୋଜ ଶତପଥୀ, ପ୍ରଫୁଲ୍ଲ ମହାନ୍ତି, ସୌନ୍ଦର୍ଯ୍ୟା ସଙ୍ଗଠନର ସଦସ୍ୟା ରୁବିନା ବେଗମ୍ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟରେ ମଧ୍ୟ ନନ୍ଦିନୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅକ୍ଷମ କଲ୍ୟାଣ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନନ୍ଦିନୀ ଦେବୀଙ୍କ ସାମାଜିକ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର କହିଲେ, ଭାରତର ମୋଟ ଜନସଂଖ୍ୟାର ୧୦% ଦିବ୍ୟାଙ୍ଗ। ନନ୍ଦିନୀ ଦେବୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱର ବିକାଶରେ ମୁଖ୍ୟ ଭୂମିକା ତୁଲାଉ ବୋଲି ଏସ୍‌ପି ଆଶାବ୍ୟକ୍ତ କରିଛନ୍ତି। ସମ୍ମାନିତ ଅତିଥି ଭାବେ ବିଡିଓ ସୁଧୀର କୁମାର ନାୟକ କହିଲେ, ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟକୁ '୫-ଟି'ରେ ସାମିଲ କରାଯିବ। ସ୍କୁଲ କମିଟି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ରଥଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ବକ୍ତା ଭାବେ କୋଷାଧ୍ୟକ୍ଷ ଆଇନଜୀବୀ ମଳୟ ପାଣିଗ୍ରାହୀ, ସଦସ୍ୟ କୃଷ୍ଣଚନ୍ଦ୍ର ଦ୍ୱିବେଦୀ, ଗୋଲାପମଣି ସାହୁ, କ୍ଷେତ୍ରବାସୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ବିଶ୍ୱନାଥ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଗୁରୁ ରତ୍ନାକର ପ୍ରଧାନ ଏବଂ ଅନ୍ତେବାସୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ କୁମାର ସାହୁ, ଦିବାକର ସାହୁଙ୍କ ସମେତ ସମସ୍ତ

## ସ୍ମୃତିରେ ଚାରାରୋପଣ

ଢେଙ୍କାନାଳ ସଚେତନ ନାଗରିକ ଫୋରମ୍ ମହିଳା ଶାଖା ପକ୍ଷରୁ ନନ୍ଦିନୀ ଦେବୀଙ୍କ ଶ୍ରାଦ୍ଧ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସହକାରୀ ଜିଲାପାଳ ଡ. ହେମଲତା ବଳିଆ, ସମ୍ମାନିତ ଅତିଥି ସହକାରୀ ଉପଜିଲାପାଳ ସୌଦାମିନୀ ସାହୁ ଯୋଗଦେଇ ନନ୍ଦିନୀ ଦେବୀଙ୍କ ସ୍ମୃତିରେ ଚାରାରୋପଣ କରିଥିଲେ। ଜଣକା ଅନ୍ୟୁନ ଗୋଟିଏ ଗଛ ବଞ୍ଚାଇବା ପାଇଁ ଶପଥ ପାଠ କରାଯାଇଥିଲା। ଅନୁଷ୍ଠାନର ସଭାପତି ସ୍ମିତାରାଣୀ ସାମଲ, ଉପସଭାନେତ୍ରୀ ବନଜା ମାନସିଂ, ସାଜଦା ପର୍‌ବିନ, ମିତା ସାହୁ, ଲିପ୍ସାରାଣୀ ପରିଡା, ବିନ୍ଦୁକ୍ରିଷ୍ଟା ସାହୁ, ଉପଦେଷ୍ଟା ତଥା ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତ, ଦୀପକ ପ୍ରସାଦ ପଟ୍ଟନାୟକ, ଭରତ ଦାସ, ଡ. ପ୍ରମୋଦ ନାୟକ, ମନ୍ମଥ ରାଓ, ଡ. ନଗେନ କର ପ୍ରମୁଖ ଉପସ୍ଥିତ ଥିଲେ। କମିଟି ସମ୍ପାଦକ ବିଶ୍ୱନାଥ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଲୁହା ଚୋରି ବେଳେ ୪ ଗିରଫ

ଅନୁଗୋଳ, ୪।୮ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ତାଳଚେର ପୋଲିସ ଲୁହା ଚୋରା କାରବାର କରୁଥିବା ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁନ୍ଦରଗଡ଼ ଜିଲା ହାତୀବାରି ଅଞ୍ଚଳର ସୁମିତ ମିଞ୍ଜ(୨୧), ରାଉରକେଲା ଝରିପାଣି ଅଞ୍ଚଳର ସୁକାନ୍ତ କୁମାର କୁଶଲ(୩୮), ରାଉରକେଲା ବନ୍ଧମୁଣ୍ଡା ଥାନା ଅଞ୍ଚଳର ଶଙ୍କର ରାଓ(୫୧) ଓ ରାଉରକେଲା ପାନପୋସ ଅଞ୍ଚଳର କମଳ ମୁଣ୍ଡାରୀ। ପୋଲିସ କହିଛି, ତାଳଚେର ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଏକ ଟ୍ରକ୍ (ନଂ. ଓଡି୦୨ ବିଜେଡ୍-୨୭୭୬) ଓ ଏକ କାର (ନଂ. ଓଆର ୧୯ ଜେ ୫୦୫୧) ଥର୍ମାଲ ରାସ୍ତାରେ ବହ୍ଲର ଛକ ଆଡ଼କୁ ଯାଉଥିଲା। ସନ୍ଦେହ ହେବାରୁ ପୋଲିସ ଗାଡ଼ି ୨ଟିକୁ ଅଟକାଇ ଯାଞ୍ଚ କରିବା ପରେ ଅନୁଗୋଳରୁ ରାଉରକେଲାକୁ ଲୁହା ଚୋରାରେ ଚାଲାଣ ହେଉଥିବା ଜାଣିବାକୁ ପାଇଥିଲା। ପୋଲିସ ୨ ଗାଡ଼ି ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଥିଲା।

### ଲାଗୁନି ନୂଆ ଟ୍ରାନ୍ସଫର୍ମର

ମାଧପୁର, ୪।୮ (ମନୋଜ ପ୍ରଧାନ)

ଆଠମଲ୍ଲିକ ବ୍ଲକ କିଆକଟା ପଞ୍ଚାୟତ କୁମ୍ଭୀଆ ଗ୍ରାମ ହରିଜନ ସାହିର ବିଦ୍ୟୁତ୍ ଟ୍ରାନ୍ସଫର୍ମର ୧୫ ଦିନରୁ ଅଧିକ ହେବ ଓ ଶଙ୍ଖାମାଳ ଗ୍ରାମ ସ୍କୁଲ ସାହି ଟ୍ରାନ୍ସଫର୍ମର ୮ ଦିନ ହେବ ପୋଡ଼ି ଯାଇଛି। ଫଳରେ ଗ୍ରାମର ବିଦ୍ୟୁତ୍ ଉପଭୋକ୍ତାମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଗ୍ରାମବାସୀ ବିଭାଗୀୟ କର୍ତ୍ତୃପକ୍ଷ ଓ ଆଠମଲ୍ଲିକ ଉପଜିଲାପାଳ ତରଣୀ ସୁନା, ଏସ୍‌ଡିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଉପଜିଲାପାଳ ୨ ଦିନ ମଧ୍ୟରେ ଟ୍ରାନ୍ସଫର୍ମର ଠିକ୍ କରିବାକୁ ଏସ୍‌ଡିଓ (ବିଦ୍ୟୁତ୍)ଙ୍କୁ ନିର୍ଦ୍ଦେଶ ଦେଇଥିଲେ ହେଁ ସମସ୍ୟାର ସମାଧାନ ହୋଇପାରି ନାହିଁ। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ନରେନ୍ଦ୍ର ବାରିକ କହିଛନ୍ତି, ଘଟଣା ବିଷୟରେ ଅବଗତ ଅଛୁ। ରିପୋର୍ଟ ମଧ୍ୟ କରାଯାଇଛି। କିନ୍ତୁ ବଅଁରପାଳ ଡିପୋରେ ଟ୍ରାନ୍ସଫର୍ମର ମହଜୁଦ୍ ନାହିଁ। ଚୌଦ୍ୱାରରୁ ଦିନେ ଦୁଇ ଦିନ ଭିତରେ ଅଣାଯାଇ ଲଗାଯିବ।


ଅନୁଗୋଳ ଜିଲା ଟିକରପଡ଼ା ପଞ୍ଚାୟତରେ ବନ୍ୟାଜଳ ପ୍ରବେଶ କରିଛି।


ଅସ୍ଥାୟୀ ଶିବିରରେ ଥିବା ବିପନ୍ନମାନଙ୍କୁ ପ୍ରଶାସନ ପକ୍ଷରୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି।

# ପାଣି ଖସିଲା, ଦୁର୍ଦ୍ଦଶା ବଢ଼ିଲା

ଟଳିଯାଇଛି ବିପଦ। ଛାଡ଼ିଯାଇଛି ବର୍ଷା। ତଳମୁହାଁ ହୋଇଛି ନଦୀର ଜଳସ୍ତର। ଅନୁଗୋଳ ଜିଲାର ବନ୍ୟା ବିପନ୍ନଙ୍କ ପାଇଁ ଏହା ହୋଇଛି ବଡ଼ ଆଶ୍ୱସ୍ତି। ହେଲେ ଅନେକ ଗାଁ ଏବେ ବି ବନ୍ୟା ଓ ବର୍ଷା ଜଳ ଘେରରେ ଥିବାରୁ ସେଠାରେ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ସହାୟତା ପାଇଁ ପ୍ରଶାସନ ଉପସ୍ଥିତ ଥିଲେ ମଧ୍ୟ ଏହା ଦୂର କରିପାରୁନି ଲୋକଙ୍କ ଦୁଃଖ।

ଅନୁଗୋଳ, ୪।୮ (ଅମିତ କୁମାର ସାମଲ)

ଲଗାଣ ବର୍ଷା ଓ ବନ୍ୟା ଯୋଗୁ ଅନୁଗୋଳ ଜିଲାର ବିଭିନ୍ନ ବ୍ଲକରେ ସୃଷ୍ଟି ହୋଇଥିବା ଜଳାର୍ଣ୍ଣବ ସ୍ଥିତିରେ ଶୁକ୍ରବାର ସୁଧାର ଆସିଛି। ବିଶେଷକରି ମହାନଦୀରେ ବନ୍ୟା ଜଳ ହ୍ରାସ ପାଇଥିବାରୁ ବିପନ୍ନ ଲୋକଙ୍କ ଭୟ ଦୂର ହୋଇଛି। ମୁତୟନ କରାଯାଇଥିବା ଏନ୍‌ଡିଆର୍‌ଏଫ୍ ଓ ଓଡ୍ରାଫ ଟିମ୍‌କୁ ପ୍ରଶାସନ ପକ୍ଷରୁ ରିଲିଭ୍ କରିଦିଆଯାଇଛି। ବିଭିନ୍ନ ଅଞ୍ଚଳରୁ ବର୍ଷା ଓ ବନ୍ୟା ପାଣି ଖସିବା ପରେ ଅନେକ ସ୍ଥାନରେ ଘର, ରାସ୍ତା କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳୁଛି। ସହସ୍ରାଧିକ ହେକ୍ଟରରେ ଫସଲ ଉଜୁଡ଼ିଯାଇଛି। ପ୍ରଶାସନ ପକ୍ଷରୁ ସମସ୍ୟାରେ ସୁଧାର ଆଣିବାକୁ ଉଦ୍ୟମ କରାଯାଉଛି। ଆଠମଲ୍ଲିକ ଓ ଟିକରପଡ଼ାରୁ ଉଦ୍ଧାର କରି ଅଣାଯାଇଥିବା ଲୋକଙ୍କୁ ଅସ୍ଥାୟୀ ଶିବିରରେ ରଖାଯାଇ ଖାଦ୍ୟ ଓ ପାନୀୟ ଯୋଗାଇ ଦିଆଯାଉଛି। ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସେଠାରେ ପାରାମେଡିକାଲ କର୍ମଚାରୀ ଓ ଡାକ୍ତରୀ ଟିମ୍‌କୁ ରଖାଯାଇଛି। ଜିଲାରେ କେତେ କ୍ଷୟକ୍ଷତି ହୋଇଛି ତାହାର ସମ୍ପୂର୍ଣ୍ଣ ଆକଳନ ଶେଷ ହୋଇପାରି ନାହିଁ। କିନ୍ତୁ ପ୍ରାଥମିକ ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଅନୁଗୋଳ ଜିଲାରେ ଲଗାଣ ବର୍ଷା ଓ ବନ୍ୟା ଯୋଗୁ ୬୦୭ ଘର ପ୍ରଭାବିତ ହୋଇଛି। ସେଥିମଧ୍ୟରୁ ୫୮୩ଟି ଘର ଆଂଶିକ ଓ ୨୦ ଘର ଅଧିକ ପ୍ରଭାବିତ ହୋଇଛି। ୪ଟି ଘର ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଥିବା ଅଦ୍ୟାବଧି ରିପୋର୍ଟ ପ୍ରଶାସନର ହସ୍ତଗତ ହୋଇଛି। ସେହିଭଳି ୧,୦୪୦ ହେକ୍ଟର ଚାଷ ଜମିରେ ପାଣି ପଶି ଫସଲ ନଷ୍ଟ ହୋଇଛି। ଅଦ୍ୟାବଧି ସମ୍ପୂର୍ଣ୍ଣ କ୍ଷୟକ୍ଷତି ରିପୋର୍ଟ ଆସି ନ ଥିବା ଜିଲା ବିପର୍ଯ୍ୟୟ ଓ ପ୍ରଶମନ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏଥିସହ କିଶୋରନଗର ଅଞ୍ଚଳରେ ପ୍ରାଣୀ ସମ୍ପଦ ପକ୍ଷରୁ ଜିଲା ପ୍ରଶାସନକୁ ଦିଆଯାଇଥିବା ରିପୋର୍ଟ ଅନୁଯାୟୀ ୫ଶହ କୁକୁଡ଼ା ବର୍ଷା ପାଣି ଯୋଗୁ ମରିଯାଇଛନ୍ତି। ଆଠମଲ୍ଲିକ ଓ କିଶୋରନଗର ବ୍ଲକରେ ବହୁ ସ୍ଥାନରେ ରାସ୍ତା କ୍ଷୟକ୍ଷତି ହୋଇଛି। ବଅଁରପାଳ ଓ ପାଲଲହଡ଼ାରେ ୯ଟି ରାସ୍ତା ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ମହାନଦୀ ପାଣିରେ ପ୍ରଭାବିତ ହୋଇଥିବା ଲୋକଙ୍କ ପାଇଁ ରନ୍ଧାଖାଦ୍ୟ ଓ ଶୁଖିଲା ଖାଦ୍ୟର ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଇଛି। ଆଠମଲ୍ଲିକର କୁଦଗାଁ, ଅନୁଗୋଳର ଟିକରପଡ଼ା, ତାଳଚେର ଓ ପାଲଲହଡ଼ାରେ ଲୋକଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଛି। ପାଣି ଛାଡ଼ିଯାଇଥିବାରୁ ଅସ୍ଥାୟୀ ଶିବିରରେ ଥିବା ତାଳଚେର ଓ ପାଲଲହଡ଼ାର ଲୋକ ନିଜ ଘରକୁ ଫେରିଛନ୍ତି। କିନ୍ତୁ ଆଠମଲ୍ଲିକ କୁଦଗାଁର ୧୬୫ ଜଣ ଓ ଟିକରପଡ଼ାର ୨ଶହ ଲୋକଙ୍କୁ ଅସ୍ଥାୟୀ ଶିବିରରେ ରଖାଯାଇ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଥିବା ଜିଲା ବିପର୍ଯ୍ୟୟ ଓ ପ୍ରଶମନ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ମହାନଦୀର ଜଳସ୍ତର କମିଥିବାବେଳେ ହୀରାକୁଦରୁ ନିଷ୍କାସନ ହେଉଥିବା ବନ୍ୟାଜଳ ଉପରେ ନଜର ରଖାଯାଇଛି। ତେବେ ଜିଲାରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣରେ ଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



- ଜିଲାର ବହୁ ଅଞ୍ଚଳରେ ଧୋଇଯାଇଛି ରାସ୍ତା
- କ୍ଷତିଗ୍ରସ୍ତ ହୋଇଛି ୬୦୭ ଘର, ଉଜୁଡ଼ିଛି ଫସଲ
- ସରକାରଙ୍କୁ ଦିଆଗଲା ପ୍ରାଥମିକ ରିପୋର୍ଟ

## ଘାରିଛି ସରୀସୃପ ଭୟ

ଅନୁଗୋଳ, ୪।୮ (ଅମିତ କୁମାର ସାମଲ)

ଅନୁଗୋଳ ବ୍ଲକ ସାତକୋଶିଆ ଅଭୟାରଣ୍ୟସ୍ଥିତ ଟିକରପଡ଼ା ପଞ୍ଚାୟତରେ ମହାନଦୀର ବନ୍ୟା ପାଣି ପଶିଛି। ଅଭୟାରଣ୍ୟର ଅନେକ ଅଞ୍ଚଳ ବନ୍ୟାପ୍ଲାବିତ ହୋଇଥିବାରୁ ସେଠାରେ ଥିବା ବିଷାକ୍ତ ସରୀସୃପ ନିଜ ବସା ହରାଇ ଜନବସତି ମୁହାଁ ହୋଇଛନ୍ତି। ଏପରି କି ବିଭିନ୍ନ ଗଛରେ ଅଜଗର ଓ ଅହିରାଜ ରହିଥିବା ଦେଖିବାକୁ ମିଳୁଛି। ତେଣୁ ଏହାକୁ ନେଇ ଲୋକମାନେ ଭୟଭୀତ ହୋଇପଡ଼ିଛନ୍ତି। ସେହିପରି ବନ୍ୟାପାଣି ଗାଁକୁ ପଶିଥିବାରୁ ଟିକରପଡ଼ାରେ ଥିବା କୁମ୍ଭୀର ଗାଁର ବିଭିନ୍ନ ଜଳାଶୟ ଓ ଖାଲୁଆ ସ୍ଥାନରେ ଜମିଥିବା ପାଣିକୁ ପଶିଆସିଥିବାର ଆଶଙ୍କା ଥିବାରୁ ତାହା ମଧ୍ୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି। କାଳେ କୁମ୍ଭୀର ଟାଣିନେବ ସେହି ଭୟରେ ଲୋକେ ପାଣି ନିକଟକୁ ଯିବାକୁ ଡରୁଛନ୍ତି।

## ୮୦ ପରିବାରକୁ ପଲିଥିନ ପ୍ରଦାନ

ଆଠମଲ୍ଲିକ, ୪।୮ (ଉଦୀପ୍ତ ପୁରୋହିତ)

ଲଘୁଚାପ ଜନିତ ୨ ଦିନ ଧରି ଲଗାଣ ବର୍ଷା ଫଳରେ ଆଠମଲ୍ଲିକ ତହସିଲ ଅଧୀନ ୧୦ଟି ରାଜସ୍ୱ ସର୍କଲ କିଆକଟା, ମାଧପୁର, ଚୁସର, କନ୍ଧପଡା, ପୁରୁଣାମାଣତ୍ରି, କଇଁତ୍ରାଗଡ, ଅଏଡା, ଠାକୁରଗଡ଼, ପାଇକସାହି, ସାନହୁଲାରେ ଶୁକ୍ରବାର ସୁଦ୍ଧା ୧୭୨ କଚ୍ଚା ଘର ଭାଙ୍ଗିଥିବା ଜଣାପଡିଛି । କ୍ଷୟକ୍ଷତି ଆକଳନ ସରିଲେ ଏହି ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି । କ୍ଷତିଗ୍ରସ୍ତ ହୋଇଥିବା ୧୭୨ ପରିବାର ମଧ୍ୟରୁ ୮୦ ପରିବାରକୁ ପଲିଥିନ ରାଜସ୍ୱ ବିଭାଗ ତରଫରୁ ପ୍ରଦାନ କରାଯାଇଛି। ଅତ୍ୟଧିକ କ୍ଷତିଗ୍ରସ୍ତ ହୋଇଥିବା ପରିବାର ସଦସ୍ୟଙ୍କୁ ପଲିଥିନ ଯୋଗାଣ ସହିତ ରନ୍ଧାଖାଦ୍ୟ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ପର୍ଯ୍ୟାୟକ୍ରମେ କ୍ଷତିଗ୍ରସ୍ତମାନଙ୍କୁ ସରକାରଙ୍କ ଘୋଷିତ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ତହସିଲଦାର ଯଶୋବନ୍ତ ଦେହୁରୀ ପ୍ରକାଶ କରିଛନ୍ତି। ବର୍ଷା ଛାଡିଲା ପରଠାରୁ ରାଜସ୍ୱ ନିରୀକ୍ଷକମାନେ ଗାଁକୁ ଯାଇ କ୍ଷୟକ୍ଷତି ଆକଳନ କରୁଛନ୍ତି ।



## ଧର୍ମାନୁଷ୍ଠାନ ସ୍ଥିତି ପରଖିଲେ ପୌରାଧ୍ୟକ୍ଷ

ଅନୁଗୋଳ, ୪।୮ (ଅମିତ କୁମାର ସାମଲ)

ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ ଶୁକ୍ରବାର ସହରର ବିଭିନ୍ନ ଧର୍ମାନୁଷ୍ଠାନର ସ୍ଥିତି ପରଖିଛନ୍ତି। ୫-ଟି ସଚିବଙ୍କ ଗସ୍ତ ପରେ ଅନୁଗୋଳ ସହରର ୧୪ଟି ଧର୍ମାନୁଷ୍ଠାନର କଳେବର ପାଇଁ ଅର୍ଥ ଅନୁମୋଦନ କରାଯାଇଛି। ତେବେ ଅନୁଗୋଳ ଜିଲା ପରିଷଦ ପକ୍ଷରୁ ଚିଠି ନଂ ୩୩୯୦/୦୨।୦୮।୨୦୨୩ରେ ୭୦ ଲକ୍ଷ ଟଙ୍କାର କାର୍ଯ୍ୟଦେଶ ପୌରପାଳିକାକୁ ମିଳିଛି। ଏହି ଅବସରରେ ଅନୁଗୋଳ ପୌରାଧ୍ୟକ୍ଷ ସହରର ବିଭିନ୍ନ ସ୍ଥାନରେ ଉନ୍ନତୀକରଣ ହେବାକୁ ଥିବା ଧର୍ମାନୁଷ୍ଠାନର ସ୍ଥିତି ପରଖିଛନ୍ତି। ଏଥିରେ ଗୋଟିଏ ମନ୍ଦିର ଥିବାବେଳେ ୨ଟି ମସ୍‌ଜିଦ୍ ଓ ଗୋଟିଏ ଚର୍ଚ୍ଚ ରହିଛି। ପୌରପାଳିକା ୱାର୍ଡ ନଂ.୧ରେ ଥିବା ଚର୍ଚ୍ଚ ସହ ନଂ.୨୩ରେ ଥିବା ମସଜିଦ୍ ଓ ୱାର୍ଡ ନଂ. ୨ରେ ଥିବା ମନ୍ଦିରରେ କିଭଳି ଉନ୍ନତି ହୋଇପାରିବ, ସେ ନେଇ ଅନୁଧ୍ୟାନ କରାଯାଇଛି। ପ୍ରତି ଧର୍ମାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ଅର୍ଥ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଏହି ସ୍ଥିତି ପରଖିବା ସମୟରେ ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ପୌର କନିଷ୍ଠ ଯନ୍ତ୍ରୀ ଘନଶ୍ୟାମ ତ୍ରିପାଠୀ ଓ ବିଭିନ୍ନ ୱାର୍ଡର କାଉନସିଲରମାନେ ଉପସ୍ଥିତ ଥିଲେ।


ଧର୍ମାନୁଷ୍ଠାନ ସ୍ଥିତି ଅନୁଧ୍ୟାନ କରୁଛନ୍ତି ପୌରାଧ୍ୟକ୍ଷ ଓ ପୌର ନିର୍ବାହୀ ଅଧିକାରୀ।

## କୂଅରେ ପଡ଼ି ନାବାଳକ ମୃତ

ଛେଣ୍ଡିପଦା, ୪।୮ (ଅଜିତ ଧଳ)

ଅନୁଗୋଳ ଜିଲା ଜରପଡ଼ା ଥାନା ଡୁବେ ପଞ୍ଚାୟତର ଟାସରା ଗାଁରେ ଗାଧୋଇବାକୁ ଯାଇଥିବା କ୍ଷୀରୋଦ ସାହୁଙ୍କ ୧୦ ବର୍ଷର ପୁଅ ଶ୍ରୀୟାଂଶୁ ସାହୁଙ୍କ କୂଅରେ ପଡ଼ି ମୃତ୍ୟୁ ହୋଇଛି। ପୋଲିସ କହିଛି, ଶ୍ରୀୟାଂଶୁ ବାଡ଼ିପଟରେ ଥିବା କୂଅ ପାଖକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଗୋଡ଼ ଖସି ଯିବାରୁ କୂଅରେ ପଡି ଯାଇଥିଲେ। କିଛି ସମୟ ପରେ ପରିବାର ଲୋକେ ଖୋଜାଖୋଜି କରି କୂଅ ଭିତରୁ ଶ୍ରେୟାଂଶୁଙ୍କୁ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଜରପଡା ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ପାଣି ଘେରରେ ମହିଳା ମଞ୍ଚ ଗୃହ

ବଇଣ୍ଡା, ୪।୮ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତରେ ଥିବା ମହିଳା ମଞ୍ଚ ଗୃହ ବର୍ଷା ପାଣି ଘେରରେ ରହିଛି। ଶୁକ୍ରବାର ଏହି ଗୃହରେ ମହିଳା ଗୋଷ୍ଠୀଙ୍କ ବୈଠକ ଅନୁଷ୍ଠିତ ହେବାର ଥିଲା। କିନ୍ତୁ ମଞ୍ଚ ଗୃହ ପାଣି ଘେରରେ ଥିବା ଯୋଗୁ ବୈଠକ ବସିପାରି ନ ଥିଲା। ଏହାକୁ ନେଇ ମହିଳାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏ ସମ୍ପର୍କରେ ମହିଳା ଗୋଷ୍ଠୀର ସଦସ୍ୟାମାନେ କିଶୋରନଗର ସିଡିପିଓଙ୍କ କାର୍ଯ୍ୟାଳୟଠାରେ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ମହିଳାମାନେ କହିଛନ୍ତି, ଏକ ପୋଖରୀ ନିକଟରେ ଏହି ଗୃହ ନିର୍ମାଣ ହୋଇଛି। ନୁନୁକାପଶି ପାହାଡ଼ରୁ ଆସୁଥିବା ବର୍ଷା ଜଳ ଏହି ପୋଖରୀରେ ଗଚ୍ଛିତ ହୋଇ ରହୁଥିବାବେଳେ ନିଷ୍କାସନ ହୋଇ ନ ପାରି ମହିଳା ମଞ୍ଚ ଘରେ ପଶିଯାଉଛି। ପ୍ରତ୍ୟେକ ବର୍ଷ ଏହି ସମସ୍ୟା ଦେଖାଯାଉଛି। ହେଲେ କୌଣସି ସ୍ଥାୟୀ ପ୍ରତିକାର କରାଯାଉ ନାହିଁ। ଫଳରେ ମହିଳା ଗୋଷ୍ଠୀର ସଦସ୍ୟାମାନେ ବହୁ ହୀନସ୍ଥା ହେଉଥିବା ଅଭିଯୋଗ ହୋଇଛି। ତୁରନ୍ତ ପୋଖରୀରୁ ପାଣି ନିଷ୍କାସନ କରିବା ପାଇଁ ଦାବି କରାଯାଇଛି।



## ବସୁଧା ଉପଦେଷ୍ଟା ବାଣ୍ଟିଲେ ଶୁଖିଲା ଖାଦ୍ୟ

ଅନୁଗୋଳ, ୪।୮ (ଅମିତ କୁମାର ସାମଲ)

ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ (ବସୁଧା)ର ଉପଦେଷ୍ଟା ତଥା ଅନୁଗୋଳ ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଦୀନେଶ ପ୍ରଧାନ ଶୁକ୍ରବାର ବନ୍ୟା ପ୍ରଭାବିତ ଟିକରପଡା ପଞ୍ଚାୟତକୁ ୨ୟ ଥର ପରିଦର୍ଶନରେ ଯାଇ ବନ୍ୟା ଆଶ୍ରୟସ୍ଥଳୀରେ ରହୁଥିବା ବିପନ୍ନମାନଙ୍କୁ ଚୁଡା, ଗୁଡ, ବିସ୍କୁଟ, ପାଉଁରୁଟି ବଣ୍ଟନ କରିଥିଲେ। ଏହାସହିତ ବିଭିନ୍ନ ବନ୍ୟା ଆଶ୍ରୟସ୍ଥଳୀ ଓ ଗ୍ରାମକୁ ଯାଇ ଲୋକମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ବସୁଧା ଯୋଜନା ପାନୀୟ ଜଳ ପ୍ରକଳ୍ପଗୁଡିକୁ ବୁଲି ଦେଖିବା ସହିତ ବନ୍ୟାରେ ନଷ୍ଟ ହୋଇଥିବା ପାଇପ ଲାଇନକୁ ତୁରନ୍ତ ମରାମତି କରି ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ଟିକରପଡା ସରପଞ୍ଚ ସୌମ୍ୟରଞ୍ଜନ ସାହୁ, ବିଜୁ ଯୁବ ଜନତା ଦଳର ଜିଲା ଉପ ସଭାପତି ପ୍ରକାଶ ଚନ୍ଦ୍ର ଭୋଇ, ଜିଲା ସମ୍ପାଦକ ଜିତେନ୍ଦ୍ର ଜେନା, ପ୍ରଦ୍ୟୁମ୍ନ କୁମାର ପ୍ରଧାନ ଓ ବିଜୁ ଯୁବ ଜନତା ଦଳର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ବନ୍ୟା ବିପନ୍ନଙ୍କୁ ବସୁଧା ଉପଦେଷ୍ଟା ଶୁଖିଲା ଖାଦ୍ୟ ବଣ୍ଟନ କରୁଛନ୍ତି।

# ପାର୍କରେ ଟ୍ରେନ୍‌ରେ ବୁଲିବେ ପିଲା

ଶିଶୁଙ୍କ ଓଠରେ ଖେଳିବ ହସ। ବହୁଗୁଣିତ ହେବ ସେମାନଙ୍କ ଖୁସି। ଆନନ୍ଦିତ ହେବେ କୁନି କୁନି ପିଲା। ପାର୍କରେ ଘୂରି ମଜା ଉଠାଇବେ ଟଏ ଟ୍ରେନ୍‌ର। ଅନୁଗୋଳ ପାର୍କରେ ଥିବା ଆମୋଦପ୍ରମୋଦ ବ୍ୟବସ୍ଥାରେ ହେଉଥିବା ଏହି ନୂଆ ଧାରା ଏବେ ଆକୃଷ୍ଟ କରିବ ଅନେକଙ୍କୁ।

ଅନୁଗୋଳ, ୪।୮ (ଅମିତ କୁମାର ସାମଲ)

ଅନୁଗୋଳ ପୌରପାଳିକା ଅଧୀନରେ ଥିବା ଉଦ୍ୟାନଗୁଡ଼ିକରେ ଶିଶୁଙ୍କ ଆମୋଦ ପ୍ରମୋଦ ପାଇଁ ଏକ ନୂଆ ବ୍ୟବସ୍ଥା ହୋଇଛି। ପୌରପାଳିକା ପକ୍ଷରୁ ୨ଟି ଟଏ ଟ୍ରେନ୍ ଅଣାଯାଇଛି। ଇକୋ ପାର୍କ ସହ ଭିଆଇପି ରୋଡ୍‌ରେ ଥିବା ଶିଶୁ ଉଦ୍ୟାନରେ ଏହି ଟ୍ରେନ୍ ଗଡ଼ିବ। ବିଦ୍ୟୁତ୍‌ରେ ପରିଚାଳିତ ହେବାକୁ ଥିବା ଏହି ଟ୍ରେନ୍ ପାଇଁ ଲାଇନ୍ ବିଛାଯାଇଛି। ଇଞ୍ଜିନ ସହ ୩ଟି ବଗି କୁନି କୁନି ପିଲାଙ୍କୁ ନେଇ ଦୌଡ଼ିବ ବୋଲି ପୌରପାଳିକା ପକ୍ଷରୁ କୁହାଯାଇଛି।

କରୋନା ପରଠାରୁ ଅନୁଗୋଳର ଇକୋ ପାର୍କ ସ୍ଥିତି ଖରାପ ଅବସ୍ଥାରେ ଥିଲା। ତେବେ ଏହାକୁ ପୁଣିଥରେ ସହରବାସୀଙ୍କ ମନଛୁଆଁ କରିବାକୁ ପୌରପାଳିକା ପକ୍ଷରୁ ଉଦ୍ୟମ ଆରମ୍ଭ କରାଯାଇଥିଲା। ରଙ୍ଗ ବେରଙ୍ଗର ଆଲୋକମାଳା ସହ ୱାଟର ଫାଉଣ୍ଟେନ ବ୍ୟବସ୍ଥା କରାଯାଇଥିଲା। ଏବେ ପୁଣି କୁନି କୁନି ପିଲାଙ୍କ ପାଇଁ ଟଏ ଟ୍ରେନ୍ ଅଣାଯିବା ସହରବାସୀଙ୍କୁ ଏକ୍‌ଦମ୍ ଖୁସି କରିଦେଇଛି। ଏହି ଟ୍ରେନ୍ ଏକା ସାଙ୍ଗରେ ୭ ପିଲାଙ୍କୁ ନେଇ ଟ୍ରାକ୍‌ରେ ଦୌଡ଼ିବ ବୋଲି କୁହାଯାଇଛି। ଇଞ୍ଜିନ୍‌ରେ ଜଣେ ପିଲା ବସିବାର ସୁବିଧା ରହିଥିବାବେଳେ ୩ଟି ବଗିରେ ୨ ଜଣ ଲେଖାଏ ବସିବାର ସୁବିଧା ରହିଛି। ଏଥିସହ ଭିଆଇପି ରୋଡ୍‌ରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଶିଶୁ ଉଦ୍ୟାନକୁ ନୂଆ ରୂପ ଦିଆଯାଇଛି। ରାସ୍ତା ପାର୍ଶ୍ୱକୁ ଥିବା ଶିଶୁ ଉଦ୍ୟାନ ଫାଟକକୁ ବନ୍ଦ କରାଯାଇ ନୂଆ ପ୍ରବେଶ ପଥ କରାଯାଉଛି। ଜିଲା ପରିଷଦ ନିର୍ବାହୀ ଅଧିକାରୀଙ୍କ ଆବାସ ପାର୍ଶ୍ୱରେ ଏହାର ପ୍ରବେଶ ପଥ ରହିବ। ଏଥିସହ ପାର୍କିଂ ବ୍ୟବସ୍ଥା କରାଯାଇଛି। ଶିଶୁଙ୍କ ପାଇଁ ଦୋଳି, ପ୍ଲେ ଷ୍ଟେଶନ୍ (ଦୌଡ଼କୁଦ), କୃତ୍ରିମ ଝରଣା, ସହ ଟ୍ରେନ୍ ଅଣାଯାଇଛି। ଶିଶୁମାନଙ୍କୁ ଅଧିକ ଆକୃଷ୍ଟ କରିବା ଭଳି ଫାଟକ ମଧ୍ୟ ନିର୍ମାଣ କରାଯିବ। ଚିଡ଼ିଆଖାନା ଭଳି ବିଭିନ୍ନ ପଶୁ ପକ୍ଷୀଙ୍କ ଆକୃତିର ପାର୍କ ଓ ଶୈକ୍ଷଣୀୟ ଉପକରଣ ଫାଟକରେ ଖଞ୍ଜା ହେବ। ୨ ପାର୍କରେ ଥିବା ଟଏ ଟ୍ରେନ୍‌ର ପରିଚାଳନା କରିବାକୁ ଟେଣ୍ଡର ମାଧ୍ୟମରେ ଠିକା ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯିବ ବୋଲି ପୌରପାଳିକା ପକ୍ଷରୁ କୁହାଯାଇଛି।



- ଶିଶୁଙ୍କ ଆମୋଦ ପ୍ରମୋଦରେ ଯୋଡ଼ିହେଲା ଟଏ ଟ୍ରେନ
- ଇକୋ ପାର୍କରେ ପରୀକ୍ଷା ମୂଳକ ଭାବେ ଗଡ଼ିଲା
- ଥରକରେ ବସିପାରିବେ ୭ ଜଣ

### ଶିଶୁମାନଙ୍କ ପାଇଁ ଆକର୍ଷଣ ସାଜିବ



ସହରର ରୂପ ବଦଳୁଛି। ଧୀରେ ଧୀରେ ନୂଆ ନୂଆ ପ୍ରକଳ୍ପ ହେଉଛି। ଜରାଜୀର୍ଣ୍ଣ ଅବସ୍ଥାରେ ପଡିଥିବା ଶିଶୁ ଉଦ୍ୟାନର ପୁନରୁଦ୍ଧାର କରାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ଏଥିରେ ପୁଣି ଟଏ ଟ୍ରେନ୍ ବ୍ୟବସ୍ଥା ଶିଶୁଙ୍କୁ ଅଧିକ ଆକୃଷ୍ଟ କରିବ।

-ପ୍ରିୟଙ୍କା ସ୍ୱାଇଁ, ଅନୁଗୋଳ

### ଭରପୂର ମଜା ଉଠାଇବେ



ଅନୁଗୋଳର ୨ ପାର୍କରେ ଟଏ ଟ୍ରେନ୍ ବ୍ୟବସ୍ଥା କରାଯାଇଥିବାରୁ ପିଲାମାନେ ଏହାର ଭରପୂର ମଜା ଉଠାଇବେ। ଟୟ୍ ଟ୍ରେନରେ ବସି ସେମାନେ କେବଳ ଖୁସି ହେବନି, ବରଂ ଟ୍ରେନ ଚଲାଇବା ଭଳି ଅନୁଭବ କରିବେ। ପିଲାମାନଙ୍କ ଖୁସି ପାଇଁ ଏଭଳି ପ୍ରୟାସ ଅତ୍ୟନ୍ତ ସ୍ୱାଗତଯୋଗ୍ୟ।

-ବନ୍ଦନା ଦାସ, ଅନୁଗୋଳ

### ଆନନ୍ଦିତ ହେବେ କୁନି ଛାତ୍ରୀଛାତ୍ର



ସହର ପାର୍କରେ ଟଏ ଟ୍ରେନ୍ ଖବର ଏବେ ସବୁଠି ଚର୍ଚ୍ଚାର ବିଷୟ ହୋଇଛି। ଏହା କୁନିକୁନି ଛାତ୍ରୀଛାତ୍ରମାନଙ୍କ ପାଇଁ ପ୍ରମୁଖ ଆକର୍ଷଣର କେନ୍ଦ୍ର ହେବ। ଏପରି କି ପିକ୍‌ନିକ୍ ଋତୁରେ ସ୍କୁଲରୁ ପିଲାଙ୍କୁ ଏଠାକୁ ଅଣାଗଲେ ସେମାନେ ଅଧିକ ଖୁସି ହୋଇପାରିବେ।

-ଶୁଭସ୍ମିତା ଦଳବେହେରା, ଅନୁଗୋଳ

### ପରୀକ୍ଷାମୂଳକ ଭାବେ ଗଡ଼ିଛି ଟଏ ଟ୍ରେନ୍



ସହରର କୁନି କୁନି ପିଲାଙ୍କ ଆମୋଦ ପ୍ରମୋଦ ପାଇଁ ପାର୍କରେ ନୂଆ ବ୍ୟବସ୍ଥା କରାଯାଇଛି। ପୌରପାଳିକା ପକ୍ଷରୁ ଗୋଟିଏ ଲେଖାଏ ଟଏ ଟ୍ରେନ୍‌କୁ ୯ ଲକ୍ଷ ୬୦ ହଜାର ଟଙ୍କାରେ କିଣାଯାଇଛି। ଖୁବ୍‌ଶୀଘ୍ର ଏହା ଶିଶୁମାନଙ୍କ ପାଇଁ କାର୍ଯ୍ୟକାରୀ କରାଯିବ। ଇକୋ ପାର୍କରେ ଥିବା ଟ୍ରେନ୍ ଶୁକ୍ରବାର ରାତିରେ ପରୀକ୍ଷାମୂଳକ ଭାବେ ଗଡ଼ିଛି।

- ଗିରିଜା ଶଙ୍କର ମଲ୍ଲିକ, ପୌର ନିର୍ବାହୀ ଅଧିକାରୀ

